ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ସାମବେଦ

(सामबेद / Saamaveda)

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ
Vedic Literature of Ancient India

# ସାମବେଦ

# କୌଥୁମ ସଂହିତା

(कौथुम संहिता)
(Kauthuma Samhitaa)


ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ
Editor – Prakash Pradhan


ଭାଷା - ସଂସ୍କୃତ-ଓଡିଆ
Language – Sanskrit - Odia


ଶୁଦ୍ଧିକରଣ (Proofreading by)
ଶ୍ରୀ କମଳ ଲୋଚନ ପଣ୍ଡା
ଶ୍ରୀ ଶେଷଦେବ ଦାଶ




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦନା

prakash@scholarshoppe.com


## ଶୁଦ୍ଧିକରଣ




**ଶ୍ରୀ କମଳ ଲୋଚନ ପଣ୍ଡା**

ଜିଲ୍ଲା ଅଧ୍ୟକ୍ଷ, ବୈଦିକ ବ୍ରାହ୍ମଣ ପରିଷଦ,

ସମ୍ବଲପୁର,  ଓଡ଼ିଶା

klpandajsg@gmail.com





**ଶ୍ରୀ ଶେଷଦେବ ଦାଶ**

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ପୂର୍ବାଭାଷ

**ଓଁ ଶ୍ରୀ ଗଣେଶାୟ ନମଃ**

ମାତୃପିତୃଭ୍ୟାଂ ନମଃ ।

ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।

ଶ୍ରୀ ମହାଗଣପତୟେ ନମଃ ।

ଶ୍ରୀ ସରସ୍ୱତ୍ୟୈ ନମଃ ।

ସର୍ବଭ୍ୟୋ ଦେବେଭ୍ୟୋ ନମଃ ।

ଶ୍ରୀ ବେଦାୟ ନମଃ ।

ଶ୍ରୀ ବେଦପୁରୁଷାୟ ନମଃ ।

**୧୩ ଜୁଲାଇ ୨୦୨୨, ବ୍ୟାସ ପୂର୍ଣ୍ଣିମା,** ଓଡିଆ ଭାଷାରେ ବେଦମାନଙ୍କର ରୂପାନ୍ତର ସୃଙ୍ଖଳାରେ ଏହା ମୋର ୪ର୍ଥ ପ୍ରକଳ୍ପ । "ଋକ୍-ବେଦ", ଯଜୁର୍ବେଦ, ଓ "୧୦୮ ଉପନିଷଦ" ଓଡିଆ ଭାଷାରେ ରୂପାନ୍ତର କରିବା ପରେ, ପାଠକ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ "**ଅଥର୍ବବେଦ**" ଓ "**ସାମବେଦ**"ଙ୍କୁ ଓଡିଆ ଭାଷାରେ ରୂପାନ୍ତର କରିବା ପ୍ରକଳ୍ପ ହାତକୁ ନେଲି, ଓ ଏହା ଉପରେ ଗବେଷଣା ତଥା କାର୍ଯ୍ୟ କରିବାକୁ ଲାଗିପଡିଲି । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ " ଅଥର୍ବବେଦ " ସମାପନ କରିବାର ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଦେଲି । ସେଥିପାଇଁ ଉପଲବ୍ଧ " ଶୌନକ ସଂହିତା"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଦେଲି । ଅନେକଦିନ କାର୍ଯ୍ୟକରିବା ପରେ "ଶୌନକ ସଂହିତା"ର ରୂପାନ୍ତର କାର୍ଯ୍ୟ ଶେଷ ହେଲା । ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟରେ "ସାମବେଦ"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭକରି, ଏହାର ଉପଲବ୍ଧ "**କୌଥୁମ ସଂହିତା**"ଙ୍କର ରୂପାନ୍ତର ମଧ୍ୟ ଶେଷ ହେଲା । ଏହି ସଂସ୍କରଣର ବିଶେଷତ୍ୱ ଏହା ଯେ, ଏଥିରେ ପ୍ରତ୍ୟେକ ମନ୍ତ୍ରର ଋଷି, ଦେବତା ଓ ଛନ୍ଦ ନିର୍ଣ୍ଣୟ କରିବାରେ ବହୁ ପରିଶ୍ରମପୂର୍ବକ କାର୍ଯ୍ୟ କରାଯାଇଅଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନଙ୍କର ସୂଚନା ମଧ୍ୟ ଦିଆଯାଇଛି, ଯାହାକି ଅନ୍ୟ ଉପଲବ୍ଧ ସଂସ୍କୃତ ସଂହିତା ମାନଙ୍କଠାରୁ ସ୍ୱତନ୍ତ୍ର କରିପାରିବ ବୋଲି ଆଶା କରୁଛି । ଏହି ସଂସ୍କରଣରେ ଯେଉଁ ସବୁ ବିଶେଷ୍ୱତ ରହିଛି, ସେମାନଙ୍କର ସ୍ୱଳ୍ପ ବିବରଣୀ ଆଗାମୀ ପୃଷ୍ଠାରେ ଦିଆଯାଇଛି ।

Not For Commercial Use

ଏହି ରୂପାନ୍ତରଣରେ ୧୯୬୦ ମସିହାର ଏକ ପୁରୁଣା ପୁସ୍ତକ "ସାମବେଦ ସଂହିତା"କୁ ଆଧାର ରୂପେ ନିଆଯାଇଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂତ୍ରମାନଙ୍କୁ ନେଇ ଏହି ସଂସ୍କରଣର ସମାପନ କରାଯାଇଛି । ସମସ୍ତ ସୂତ୍ରର ସୂଚନା ତଳେ "ସୂତ୍ର ସୂଚନା" ଦିଆଯାଇଛି ।

ଏହି ରୂପାନ୍ତରଣରେ " ସାମବେଦ"ର ସ୍ୱର (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । ୱେବ ସାଇଟରେ ସମସ୍ତ ଶ୍ଳୋକ ବା ମନ୍ତ୍ରମାନଙ୍କର ସ୍ୱରାବୃତି ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

'ସାମବେଦ'ର ଓଡିଆ ଲିପିରେ ରୂପାନ୍ତର ସରିବା ପରେ, ଏହା ଠିକ୍ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବେଜ ସଙ୍ଗରେ ରୂପାନ୍ତରୀତ ଦସ୍ତାବେଜର ଯାଞ୍ଚ କରିବାପାଇଁ, ୨ଜଣ ଅଲଗା ଅଲଗା ଶୁଦ୍ଧିକରଣ କାର୍ଯ୍ୟରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ଶ୍ରୀ କମଳ ଲୋଚନ ପଣ୍ଡା", ଓ "ଶ୍ରୀ ଶେଷଦେବ ଦାଶ" ମୂଖ୍ୟରୁପେ କାର୍ଯ୍ୟ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ପବିତ୍ରଗ୍ରନ୍ଥ "**ସାମବେଦ ଓଡିଆରେ**" ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୩୦.୦୮.୨୦୨୩** **ଶ୍ରୀ ପ୍ରକାଶ ପ୍ରଧାନ,**

**ରକ୍ଷାବନ୍ଧନ** **ସଂପାଦକ,**

ସଂସାରଫଳ, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।

ବର୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।



Not For Commercial Use

# ଉତ୍ସର୍ଗ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

# ନିବେଦନ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତର କରାଯାଇଛି । ତଥାପି, ଏଥିରେ ଭୂଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

# ଏହି ସଂସ୍କରଣରେ...

## ବେଦତ୍ରୟୀ ଓ ବେଦଚତୁଷ୍ଟୟୀ

ବେଦ ମାନବ ଇତିହାସର ସର୍ବପ୍ରଥମ ଓ ସର୍ବପୂରାତନ ସାହିତ୍ୟ ଅଟେ । ଭାରତୀୟଙ୍କ ମାନ୍ୟତାନୁସାରେ ବେଦର ସୃଷ୍ଟି ବ୍ରହ୍ମାଣ୍ଡ ସୃଷ୍ଟି ବେଳରୁ ତିଆରି ହୋଇଅଛି, ଯାହାକି ଏହା ଦୈବବାଣୀ ଅଟେ, ତଥା ଏହା ମୁନୀଋଷୀଙ୍କୁ ସାଧନା ଓ ତପସ୍ୟା ବଳରେ ପ୍ରାପ୍ତ ହୋଇଥିଲେ, ଯାହାକୁ ସେମାନେ ମାନବ କଲ୍ୟାଣ ଉଦ୍ଦେଶ୍ୟରେ  ପ୍ରକାଶ କରିଥିଲେ । କିନ୍ତୁ ବିଶ୍ୱର ଅନେକେ ଏହାର ଭିନ୍ନ ମତ ରଖନ୍ତି, ତଥାପି ଆଧୁନିକ ବିଜ୍ଞାନ ର ତ୍ୱାତ୍ତିକପ୍ରମାଣ ଦ୍ୱାରା ଏହା ପ୍ରମାଣିତ ଯେ ଏହା ପ୍ରାୟ ୧୦୦୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଅଟେ । ସେଥିପାଇଁ ସମସ୍ତ ବିଶ୍ୱର ମାନ୍ୟତା ଯେ ଏହା ସର୍ବପ୍ରଥମ ଓ ସର୍ବପୂରାତନ । ତେବେ ଏହା ସର୍ବପୂରାତନ ସାହିତ୍ୟ କେମିତି ? କୌଣସି ଭାଷା କେବଳ ୩ଗୋଟି ମାଧ୍ୟମରେ ପରିପ୍ରକାଶ ହୋଇ ପାରେ, ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । ବେଦର ବିଭାଜନର ମୂଖ୍ୟ ଆଧାର ଏହା ହିଁ ଥିଲା ଅର୍ଥାତ୍ ସାହିତ୍ୟ ବିଶେଷ ତଥା ଏହା ତାହାର ପାଠଶୈଳୀ ସହିତ ଜଡିତ ମଧ୍ୟ । ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଗୋଟି ଭାଗରେ ବିଭକ୍ତ କରାଯାଇଛି - ଯଥା ପଦବଦ୍ଧ ମନ୍ତ୍ରସମୂହ ଅର୍ଥାତ୍ ପଦ୍ୟ; ପଦବଦ୍ଧ ମନ୍ତ୍ରସମୂହ କିନ୍ତୁ ପାଠ୍ୟଶୈଳୀ ଗଦ୍ୟ ପ୍ରକାର;  ପୂନଃ ପଦବଦ୍ଧ ମନ୍ତ୍ର କିନ୍ତୁ ପାଠ୍ୟଶୈଳୀ ସଂଗୀତ ପ୍ରକାର । ତେଣୁ ଏହାର ପରିପ୍ରକାଶ ପଦ୍ୟ, ଗଦ୍ୟ ଓ ସଂଗୀତ ଅଟେ, ସେଥିପାଇଁ ଏହା ବିଶ୍ୱର ସର୍ବପୂରାତନ ସାହିତ୍ୟ ଅଟେ ।

### ବେଦତ୍ରୟୀ

ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଟି ଗୁଣ ତଥା ୩ଟି ପାଠ୍ୟଶୈଳୀ ରେ ବିଭାଜନ କରାଯାଇଅଛି । ପଦ୍ୟମନ୍ତ୍ରଙ୍କୁ ଋକ୍-ବେଦରେ, ଗଦ୍ୟମନ୍ତ୍ରଙ୍କୁ ଯଜୁସ୍ ଓ ପଦବଦ୍ଧମନ୍ତ୍ରଙ୍କୁ ସଂଗୀତ ଆକାରରେ ଗାୟନକୁ ସାମନ୍ ଭାବରେ ବିଭକ୍ତ କରାଯାଇଅଛି । ତେଣୁ ୩ଟି ଗୁଣ (ଋକ୍, ଯଜୁସ୍, ସାମନ୍) ଓ ୩ଟି ଶୈଳୀ (ପଦ୍ୟ, ଗଦ୍ୟ, ସଂଗୀତ), ଏହାଙ୍କୁ "ବେଦତ୍ରୟୀ" କୁହାଯାଏ ।

## ବେଦଚତୁଷ୍ଟୟୀ

ଏବେ ମନରେ ପ୍ରଶ୍ନ ଉଠିପାରେ ଯେ ଆମେ ବେଦଙ୍କୁ ବେଦତ୍ରୟୀ କହିବା, ଅଥବା ବେଦଚତୁଷ୍ଟୟୀ କହିବା ? କାରଣ ବେଦ ୪ଟି, ଯଥା - ଋକ, ଯଜୁ, ସାମ ଓ ଅଥର୍ବ । ଏହାର ଉତ୍ତର - ଏହା ବେଦତ୍ରୟୀ ଅଟନ୍ତି ଓ ବେଦଚତୁଷ୍ଟୟୀ ମଧ୍ୟ ଅଟନ୍ତି ।

ବେଦର ସାହିତ୍ତ୍ୱିକ ଓ ପାଠ୍ୟଶୈଳୀ ଦୃଷ୍ଟିକୋଣରୁ ଏହା ବେଦତ୍ରୟୀ ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । କିନ୍ତୁ ଜ୍ଞାନର ବିଷୟ ଦୃଷ୍ଟିକୋଣରୁ ଏହା ୪ଗୋଟି ଅଟନ୍ତି - ଯଥା - ଋକ୍-ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ । ଏହାର ସ୍ୱଷ୍ଟତା ନିମ୍ନରେ ଦିଆଯାଇଛି ।

**ବେଦତ୍ରୟୀ** - ପଦ୍ୟମନ୍ତ୍ର, ଗଦ୍ୟମନ୍ତ୍ର ଓ ସଂଗୀତମନ୍ତ୍ର ସମୂହ ।

**ବେଦଚତୁଷ୍ଟୟୀ** - ଗୁଣବର୍ଣ୍ଣନ ମନ୍ତ୍ରସମୂହ ବା ଜ୍ଞାନଯୁକ୍ତ ମନ୍ତ୍ରସମୂହ (ଋକ୍-ବେଦ), ଯଜ୍ଞକର୍ମ ମନ୍ତ୍ରସମୂହ (ଯଜୁର୍ବେଦ), ସଂଗୀତ ମନ୍ତ୍ରସମୂହ (ସାମବେଦ), ବ୍ରହ୍ମଜ୍ଞାନ ମନ୍ତ୍ରସମୂହ (ଅଥର୍ବବେଦ) ।

# ସାମବେଦ ଏକ ବିଭୂତି

ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ଧ ଭଗବତ ଗୀତାରେ କହିଛନ୍ତି - "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ୍ ବେଦମାନଙ୍କ ମଧ୍ୟରେ ସାମବେଦ ମୁଁ ଅଟେ, ଅନ୍ୟ ଦୃଷ୍ଟିକୋଣରୁ ସାମବେଦ ବେଦମାନଙ୍କ ମଧ୍ୟରେ ଭଗବାନଙ୍କ ଏକ ବିଭୂତି ଅଟେ । ପଦ୍ୟ, ଗଦ୍ୟ ଓ ଗାୟନ ମାନଙ୍କ ମଧ୍ୟରେ, ଗାୟନ ମନ ଉପରେ ଅଧିକ ପ୍ରଭାବ ପକାଇଥାଏ ଯାହାକୁ ସମସ୍ତେ ଅଳ୍ପାଧିକେ ଅନୁଭବ କରିଥିବେ । ଗାୟନ ସାଧାରଣ ମନୁଷ୍ୟ, ରୋଗୀ, ବୃକ୍ଷଲତା, ଓ ପଶୁପକ୍ଷୀ ମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।

ଏହି ସାମଗାନର ପଦ୍ଧତି ଓ ଆଧୁନିକ ଗାନ ପଦ୍ଧତିରେ ସାମାନ୍ୟ ଅନ୍ତର ଥାଏ । ସାମଗାନରେ ସ୍ୱରକୁ ଉଚ୍ଚ ଆଳାପରୁ ଆରମ୍ଭକରି ଧୀରେଧୀରେ ନିଚ୍ଚ ଆଳାପ ପର୍ଯ୍ୟନ୍ତ ଅଣାଯାଇଥାଏ । ତେଣୁ ସାମଗାନ ଶୁଣିଲେ ଉଶୃଙ୍ଖଳ ମନ ଶାନ୍ତି ପ୍ରାପ୍ତ କରେ, ଯାହା ଫଳରେ ତୃପ୍ତି ପ୍ରାପ୍ତ ହୁଏ । ଆଧୁନିକ ପଦ୍ଧତି ଗାନରେ ଉଚ୍ଚ ଓ ନିଚ୍ଚ ସ୍ୱରମାନଙ୍କର ମିଶ୍ରଣ ଥାଏ, ଯାହା ଶୁଣିଲେ ମନକୁ ଅଧିକ ଶାନ୍ତି ମିଳେ ନାହିଁ । ଏହା ହିଁ ଦୁଇ ପ୍ରକାର ପଦ୍ଧତି ମଧ୍ୟରେ ପ୍ରାର୍ଥକ୍ୟ । ସେଇଥିପାଇଁ ମନକୁ ଶାନ୍ତ କରାଇବା ପାଇଁ ସାମଗାନ ଶ୍ରବଣ ଲାଭଦାୟକ ଅଟେ ।

Not For Commercial Use

ଏହି ସାମବେଦର ଗୀତଯୁକ୍ତ ବିଭୂତିତ୍ୱ ଯାହାକୁ ଶ୍ରବଣକଲେ ଉଚ୍ଛୃଙ୍ଖଳ ମନକୁ ଶାନ୍ତି ମିଳେ । ମହାଭାରତର ଅନୁଶାସନପର୍ବରେ ମଧ୍ୟ କୁହାଯାଇଛି –

**ସାମବେଦଶ୍ଚ ବେଦାନାଂ ଯଜୁଷାଂ ଶତରୁଦ୍ରିୟମ୍ । (ମ. ଭା. - ୧୪।୩।୭)**

ଚାରୋଟି ବେଦମାନଙ୍କ ମଧ୍ୟରେ "ସାମବେଦ" ଓ ଯଜୁର୍ବେଦର "ଶତରୁଦ୍ରିୟ" ବିଶେଷ ମହତ୍ତ୍ୱର ଗ୍ରନ୍ଥ ଅଟନ୍ତି।

ଗୀତାରେ କୁହାଯାଇଛି - **ପ୍ରଣବଃ ସର୍ବବେଦେଷୁ ।। (ଗୀ - ୭।୮)**

ତଥା ମହାଭାରତରେ ମଧ୍ୟ - **ଓଂକାରଃ ସର୍ବବେଦାନାମ୍ ।। (ମହା ଅଶ୍ୱମେଧ - ୪୪।୬)**

ଏଠାରେ ଓଂକାରର ଶ୍ରେଷ୍ଠତା ବିଷୟରେ କୁହାଯାଇଛି, ଏହି ଓଂକାରର ପ୍ରଶଂସାରେ ସାମବେଦର ମହତ୍ତ୍ୱର ନ୍ୟୂନତା ଆସିଯିବ, ଏକଥା ନୁହେଁ । କାରଣ "ଓଂକାର" ଓ "ଉଦ୍ଗୀଥ" ଦୁଇଟି ସମାନାର୍ଥକ ଅଟନ୍ତି ଏବଂ ଉଦ୍ଗୀଥ ସାମବେଦର ସାର ଅଟେ ।

ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି - **ସାମ୍ନଃ ଉଦ୍ଗୀଥୋ ରସଃ ।। (ଛା. ଉ - ୧।୧।୨)**

"ସାମର ରସ ଉଦ୍ଗୀଥ ଅଟେ" । ଏହିଭଳି ସାମବେଦର ମହତ୍ତ୍ୱ ବର୍ଣ୍ଣିତ ଅଛି ।

ଏହି ସାମବେଦ ହିଁ ଭଗବାନଙ୍କର ବିଭୂତି କାହିଁକି ? ଏହା ଭିତରେ କେଉଁ ବିଶେଷତା ରହିଛି, ଏହାର ଏବେ ବିଚାର କରିବା –

**ଯଦ୍ୟଦ୍ୱିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।। (ଗୀ - ୧୦।୪୧)**

ବିଭୂତିର ଏହି ଲକ୍ଷଣ ଗୀତାରେ କୁହାଯାଇଛି – “ଯେଉଁ ସବୁ ବିଭୂତିଯୁକ୍ତ ଅର୍ଥାତ ଐଶ୍ୱର୍ଯ୍ୟଯୁକ୍ତ, କାନ୍ତିଯୁକ୍ତ ଓ ଶକ୍ତିଯୁକ୍ତ ବସ୍ତୁ ଅଛି, ସେସବୁକୁ ତୁମେ ମୋ ତେଜର ଆଂଶିକ ଅଭିବ୍ୟକ୍ତି ବୋଲି ହିଁ ଜାଣ” । ଏହି ଲକ୍ଷଣ ଆଧାରରେ ସାମବେଦରେ ନିଃସନ୍ଦେହ ଏକ ବିଭୂତି ରହିଅଛି । ସାମବେଦ ଗାୟନରୂପ ହେବା କାରଣରୁ "ଶବ୍ଦବ୍ରହ୍ମ"କୁ ଗାୟନରୂପୀ ଭିଭୂତି କୁହାଯାଏ । ତାନ ଅଥବା ଆଳାପରୁ ସାମବେଦର ଶୋଭା



Not For Commercial Use

ଦେଖାଯାଇଥାଏ, ଏହା ହିଁ ଏହାର ଶ୍ରୀମତ୍ତ୍ୱ ଅଟେ । ସେଇଭଳି ଏହି ସାମବେଦର ସମ-ଉର୍ଜିତ-ତତ୍ତ୍ୱ ବିକାର, ବିଶ୍ଲେଷଣ, ବିକର୍ଷଣ, ଅଭ୍ୟାସ, ବିରାମ, ସ୍ତୋଭ ଆଦି ଗାନମାନଙ୍କର ଯୋଜନାରୁ ଶ୍ରୋତାମାନଙ୍କୁ ଅନୁଭବ ହୋଇଥାଏ । ସାଧାରଣ ଗଦ୍ୟ ଅପେକ୍ଷା ଛନ୍ଦ, ଛନ୍ଦ ଅପେକ୍ଷା କାବ୍ୟ, କାବ୍ୟ ଅପେକ୍ଷା ଗାୟନ ଓ ଗାୟନରେ ତାନମାନଙ୍କର ଆଳାପ ବିଶେଷ ପ୍ରଭାବଶାଳୀ ହୋଇଥାଏ । ଏହି କାରଣରୁ ସାମବେଦର ବିଶେଷ ମହତ୍ତ୍ୱ ରହିଅଛି । ଏହା ମଧ୍ୟ ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ବାଚଃ ଋଗ୍ରସଃ, ଋଚଃ ସାମରସଃ | ସାମ୍ନ ଉଦ୍ଗୀଥୋ ରସଃ || (ଛା.ଉ - ୧|୧|୨)**

ଅର୍ଥାତ୍ "ବାଣୀର ରସ ଋଚା ଅଟେ, ଋଚାର ରସ ସାମ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ସାମବେଦ ଏବ ପୁଷ୍ପମ୍ | (ଛା.ଉ - ୩|୩|୧)**

"ଯେଉଁପରି ବୃକ୍ଷର ପତ୍ର ଓ ଫୁଲ ମଧ୍ୟରେ ଫୁଲ ବିଶେଷ ଶୋଭାଦାୟକ ହୋଇଥାଏ, ସେହିପରି ଗାୟନରୂପ ହୋଇଥିବା କାରଣରୁ ସାମବେଦ ବେଦବୃକ୍ଷର ଫୁଲ ଅଟେ ।

# ସାମବେଦର ଅର୍ଥ

ସାମବେଦର ଅର୍ଥ ଓ ଏହାର ସ୍ୱରୂପ କ'ଣ ? ସାମବେଦର ଅର୍ଥ କ'ଣ କେବଳ ମନ୍ତ୍ର ସଂଗ୍ରହ ଅଟେ, ଅଥବା କେବଳ ଗାନମୟ ଅଟେ ? ଆସନ୍ତୁ ଏହାର ବିଚାର କରିବା । ଛନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ୟା ଋକ୍ ତତ୍ସାମ | (ଛା.ଉ - ୧|୩|୪)**

"ସାମ ଋଚାମାନଙ୍କର ସଂଗ୍ରହ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ଋଚି ଅଧ୍ୟୂଢଂ ସାମ | (ଛା.ଉ - ୧|୬|୧)**

"ସାମ ଋଚା ଉପରେ ଆଧାରିତ" । ସାମ ଋଚାମାନଙ୍କୁ ଛାଡି ଆଉ କାହାର ଆଶ୍ରିତ ନୁହେଁ ।

ଋକ୍-ବେଦ ଓ ସାମବେଦ ଏକ "ସ୍ତ୍ରୀ-ପୁରୁଷ"ର ଯୋଡ଼ି ସଦୃଶ ଅଟନ୍ତି, ଏହା ମଧ୍ୟ କୁହାଯାଇଛି –



Not For Commercial Use

**ଅମୋଽହମସ୍ମି ସା ତ୍ୱଂ, ସାମାହମସ୍ମି ଋକ୍ ତ୍ୱଂ । ଦ୍ୌରହଂ ପୃଥିବୀ ତ୍ୱଂ ।**
**ତାବିହ ସଂଭବାବ, ପ୍ରଜାମାଜନୟାବହୈ ।**
(ଅଥର୍ବବେଦ - ୧୪।୨।୭୧; ଐ.ବ୍ରା - ୮।୨୭; ବୃ.ଉ - ୬।୪।୨୦)
ମୁଁ ପତି "ଅମ" ଅଟେ ଓ ତୁମେ ସ୍ତ୍ରୀ "ଋଚା" ଅଟ, "ସାମ" ମୁଁ ଅଟେ ଓ ତୁମେ "ଋଚା" ଅଟ, "ଦ୍ୟୌ (ସ୍ୱର୍ଗ)" ମୁଁ ଅଟେ ଓ ତୁମେ ପୃଥିବୀ ଅଟ, ଆମେ ଦୁହେଁ ମିଶିକରି ଯେଉଁଠି ଉତ୍ପନ୍ନ ହୋଇଆସୁଛୁ, ପ୍ରଜା ଉତ୍ପନ୍ନ କରନ୍ତୁ । ଏଥିରେ ସାମ ଶବ୍ଦର ବ୍ୟୁତ୍ପତ୍ତି ଦିଆଯାଇଛି । "**ସା+ଅମ = ସାମଃ**" । "ସା"ର ଅର୍ଥ "ଋଚା" ଓ "ଅମ"ର ଅର୍ଥ ଆଲାପ, ଅତଃ "ସାମ"ର ଅର୍ଥ ଋଚାମାନଙ୍କୁ ଆଧାରକରି କରାଯାଉଥିବା ଗାନ ସମୂହ ଅଟନ୍ତି ।

## ପାଦବଦ୍ଧମନ୍ତ୍ରମାନଙ୍କର ଗାନ

ଋକ୍-ବେଦ ଓ ଅଥର୍ବବେଦରେ ପାଦବଦ୍ଧମନ୍ତ୍ରମାନ ଅଛନ୍ତି । "ପତି-ପତ୍ନୀ"ଙ୍କ ସମାନ ସାମ ଓ ଋଚାର ସମ୍ବନ୍ଧ ଅଟେ । ଉପନିଷଦରେ ଏମାନଙ୍କର ଅନ୍ୟ ଏକ ସମ୍ବନ୍ଧ ଦେଖାଯାଏ, ତାହା ଏହି ପ୍ରକାରର -

**ବାକ୍ ଚ ପ୍ରାଣଶ୍ଚ, ଋକ୍ ଚ ସାମ ଚ । (ଛା.ଉ - ୧।୧।୫)**
**ବାଗେବ ସା ପ୍ରାଣୋଽମସ୍ତତ୍ସାମ । (ଛା.ଉ - ୧।୭।୧)**
ବାଣୀ ଓ ପ୍ରାଣ କ୍ରମଶଃ ଋକ୍ ଓ ସାମ ଅଟନ୍ତି । ବାଣୀ ଋଚା ଅଟନ୍ତି ଓ ପ୍ରାଣ ସାମ ଅଟନ୍ତି । ବାଣୀ ଓ ପ୍ରାଣର ଯେଉଁପରି ସମ୍ବନ୍ଧ ସେହିପରି ଋଚା ଓ ସାମ ର ସମ୍ବନ୍ଧ ଅଟେ ।

## ସ୍ୱର-ମଣ୍ଡଳ

ଋଚାମାନଙ୍କର ଅର୍ଥ ପାଦବଦ୍ଧମନ୍ତ୍ର ସମୂହ । ଏହି ମନ୍ତ୍ରମାନଙ୍କୁ ଷଡ୍‌ଜ, ମଧ୍ୟମ ଆଦି ସ୍ୱରରେ ଆଳାପ କରାଯାଇଥାଏ । ସେହିଥିପାଇଁ ଏହା କୁହାଯାଇଛି –

**ଗୀତିଷୁ ସାମାଖ୍ୟା । (ଜୈ.ସୂ - ୨।୧।୩୬)**

ବେଦମନ୍ତ୍ରମାନଙ୍କର ଗାନର ସଂଜ୍ଞା "ସାମ" ଅଟନ୍ତି । ନା କେବଳ ମନ୍ତ୍ରପାଠ "ସାମ"ର ସଂଜ୍ଞା, ନା କେବଳ ଗାନ "ସାମ"ର ସଂଜ୍ଞା ଅଟେ, ପରନ୍ତୁ ଏହି ଦୁଇଙ୍କର ମିଶ୍ରଣକୁ "ସାମ"ର ସଂଜ୍ଞା କୁହାଯାଏ । ଛାନ୍ଦୋଗ୍ୟ ଉପନିଷଦରେ ଶାଳାବତ୍ୟ, ଦାଲ୍‌ଭ୍ୟଙ୍କ ସଂବାଦରେ କହିଛନ୍ତି –



Not For Commercial Use

**କା ସାମ୍ନୋ ଗତିରିତି? ସ୍ୱର ଇତି ହୋବାଚ | (ଛା.ଉ - ୧|୮|୪)**

"ସାମ"ର ଗତି କ'ଣ ? ସ୍ୱର-ଆଳାପ ହିଁ ସାମର ଗତି ଅଟେ । ସ୍ୱର ଅଥବା ଆଳାପ ବିନା ସାମ ସମ୍ଭବ ନୁହେଁ, ତଥା -

**ତସ୍ୟ ହୈତସ୍ୟ ସାମ୍ନୋ ଯଃ ସ୍ୱଂ ବେଦ, ଭବତି ହାସ୍ୟଂ ସ୍ୱଂ,**
**ତସ୍ୟ ସ୍ୱର ଏବ ସ୍ୱମ୍ | (ବୃ.ଉ - ୧|୩|୨୫)**

"ସାମର ସ୍ୱରୂପ ଆଳାପ ଅଟେ ।" ଏହି ସାମର ସ୍ୱର ସମ୍ବନ୍ଧିୟ ଶିକ୍ଷା ତଥା ସ୍ୱରମଣ୍ଡଳମାନଙ୍କର ଗଣନା "**ନାରଦୀୟଶିକ୍ଷା**" ଯାହାକି ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରକଟିତ କରାଯାଇଥିଲା, ସେଥିରେ ଏହି ପ୍ରକାର କୁହାଯାଇଛି –

**ଆର୍ଚିକଂ ଗାଥିକଂ ଚୈବ ସାମିକଂ ଚ ସ୍ୱରାନ୍ତରମ୍ |**
**କୃତାନ୍ତେ ସ୍ୱର ଶାସ୍ତ୍ରାଣାଂ ପ୍ରୟୋକ୍ତବ୍ୟଂ ବିଶେଷତଃ || ୧-୨ ||**

ନାରଦମୁନୀ ତାଙ୍କ ଶିଷ୍ୟମାନଙ୍କୁ କହୁଛନ୍ତି - ଯଦିଚ ସମସ୍ତ ସ୍ୱର **ଓଁ** ରୁ ସୃଷ୍ଟି, ତଥାପି ଏହା **ଉର୍ଦ୍ଧ୍ୱ, ମଧ୍ୟମ** ଓ **ଅଧଃସ୍ଥାନ** ଆଦି ଅନେକ ଭେଦରେ ପ୍ରାପ୍ତ ହୁଅନ୍ତି । ଋକ୍, ଯଜୁ, ସାମ ଆଦି ବେଦମାନଙ୍କରେ **ଭିନ୍ନ ଭିନ୍ନ** ସ୍ୱର ଦ୍ୱାରା ପାଠ କରାଯାଇଥାଏ ଓ ଏହା କଣ୍ଠ, ହସ୍ତ ଓ ଅଙ୍ଗୁଳି ଆଦି ଚାଳନା ମାର୍ଗରେ ପ୍ରଦର୍ଶିତ ହୁଅନ୍ତି ।

(ତିନୋଟି ସ୍ୱରସ୍ତର ସମ୍ବନ୍ଧରେ - Scales)

**ଉରଃ କଣ୍ଠଃ ଶିରଶ୍ଚୈବ ସ୍ଥାନାନି ତ୍ରିଣିବାଙ୍-ମୟେ |**
**ସବନାନ୍ୟାହୁରେତାନି ସାମ ବାଂପ୍ୟର୍ଥତୋନ୍ତରମ୍ || ୧-୭ ||**

ନାରଦମୁନୀ କହୁଛନ୍ତି - ଏହି **ଉଚ୍ଚ, ନିଚ୍ଚ** ଓ **ମଧ୍ୟମ** ସ୍ୱର ଉତ୍ପତ୍ତି, ଏମାନଙ୍କର ସ୍ଥାନ ଓ କାଳ ସମ୍ବନ୍ଧରେ କହୁଛି ଶୁଣ । ବାଣୀ ୪ ପ୍ରକାରର ଅଟନ୍ତି, ଯଥା ପରା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ । ଏଥି ମଧ୍ୟରୁ ପରାବାଣୀ ବିନ୍ଦୁରୂପ ଅଟେ, ଯାହାର ସ୍ଥାନ ନାଭିକମଳ ଓ ଏହା ଯୁକ୍ତ (+) ଯୋଗୀ ଅଟେ, ତଥା ଏହା ସର୍ବଦୈବ ଜ୍ଞାନ । ୨ୟ ଟି ପଶ୍ୟନ୍ତି, ଏହା ଯୁଞ୍ଜାନ୍ ଅର୍ଥାତ୍ ଯାହାର ବିଚାର କଲେ ଜ୍ଞାନ ପ୍ରାପ୍ତ ହୁଏ, ଏହାର ସ୍ଥାନ ନାଭିରୁ ହୃଦୟ ପର୍ଯ୍ୟନ୍ତ, ଏହା କ୍ରିୟାରୂପ ଅଟେ । ୩ୟଟି ମଧ୍ୟମା, ଏହା ଅର୍ଥରୂପ ଅଟେ, ଏହାର ସ୍ଥାନ ହୃଦୟ ଅଟେ ଯେଉଁଠାରେ ଅର୍ଥଯୁକ୍ତ ଶବ୍ଦମାନଙ୍କୁ ବ୍ୟକ୍ତ କରିବା ପୂର୍ବରୁ ବିଚାର କରାଯାଏ କିନ୍ତୁ ଏଠାରେ ବର୍ଣ୍ଣ ମାନଙ୍କର ଉଚ୍ଚାରଣ କରାଯାଏ ନାହିଁ । ୪ଥ ଟି ବୈଖରୀ ବାଣୀ, ଏହା ବର୍ଣ୍ଣଯୁକ୍ତ, ଓ ଏଠାରେ

Not For Commercial Use

ଅନ୍ତଃକରଣର ଭାବାର୍ଥ ପ୍ରକଟିତ କରାଯାଏ । ବୈଖରୀ ବାଣୀର ଉର, କଣ୍ଠ ଓ ଶିର - ଏହିପରି ୩ଟି ଉଚ୍ଚାରଣ ସ୍ଥାନ ଅଟନ୍ତି । ପ୍ରାତଃ, ମଧ୍ୟାହ୍ନ ଓ ସାୟଂ ଏହି ୩ଟି କାଳ ଯାହାଙ୍କୁ ଯାଜ୍ଞିକ ଲୋକମାନେ ସବନ କହନ୍ତି । ଏହି ୩ ସ୍ଥାନରୁ **ମନ୍ଦ୍ର**, **ମଧ୍ୟ** ଓ **ତାର** ସ୍ୱର କ୍ରମନ୍ୱୟରେ ଉତ୍ପନ୍ନ ହୁଏ ଓ ଏମାନେ କ୍ରମନ୍ୱୟରେ ପ୍ରାତଃ, ମଧ୍ୟାହ୍ନ ଓ ସାୟଂ କାଳ ସହିତ ଜଡିତ ଅଟନ୍ତି ।

**ଉରଃ ସପ୍ତବିଚାରଂ ସ୍ୟାତ୍ତଥା କଣ୍ଠସ୍ତଥାଶିରଃ |**
**ନ ଚ ସପ୍ତୋରସି ବ୍ୟକ୍ତାସ୍ତଥା ପ୍ରାବଚନୋବିଧିଃ || ୧-୮ ||**

ଉରଃ, ଅର୍ଥାତ୍ ହୃଦୟଦେଶରେ ସା, ରେ, ଗା ଆଦି ସପ୍ତସ୍ୱର ଉତ୍ପନ୍ନ ହୋଇଥାଏ, ଯାହାକୁ ଆଧୁନିକ ଜନ "ସ୍ୱରଜ" କୁହନ୍ତି । ସେହିପରି କଣ୍ଠଦେଶରେ ସାତସ୍ୱରମାନଙ୍କର ଉଚ୍ଚାରଣ ହୁଏ ଓ "ତା'ର ସ୍ୱର" ଶିରଭାଗରେ ଉଚ୍ଚାରଣ ହୁଏ ଯାହାକୁ "ସପ୍ତକ" (ସାତସ୍ୱର) କୁହନ୍ତି । ହୃଦୟଦେଶରେ ସ୍ୱର ଅବ୍ୟକ୍ତ ହୋଇଥାଏ, ତେଣୁ ଏହାକୁ "ପ୍ରବଚନବିଧି" କୁହନ୍ତି ।

**ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାସ୍ତ୍ୱେକବିଂଶତିଃ |**
**ତାନା ଏକୋନପଞ୍ଚାଶ-ଦିତ୍ୟେତତ୍ସ୍ୱର ମଣ୍ଡଳମ୍ || ୨-୪ ||**

ସାତସ୍ୱର (ସା, ରେ, ଗା, ମା, ପା, ଧା, ନି), ୩ଟି ଗ୍ରାମ (ଷଡ୍ଜ, ମଧ୍ୟମ ଓ ଗାନ୍ଧାର), ୨୧ଟି ମୂର୍ଚ୍ଛନା ଓ ୪୯ଟି ତାନ, ଏହି ସମସ୍ତକୁ **"ସ୍ୱରମଣ୍ଡଳ"** କୁହାଯାଏ ।

**ଷଡ୍ଜଶ୍ଚ ଋଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା |**
**ପଞ୍ଚମୋ ଧୈବତଶ୍ଚୈବ ନିଷଦଃ ସପ୍ତମଃ ସ୍ୱରଃ || ୨-୫ ||**

ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଏହି ସାତସ୍ୱର ଅଟନ୍ତି ।

**ଷଡ୍ଜ-ମଧ୍ୟମ-ଗାନ୍ଧାରା ସ୍ତ୍ରୟୋଗ୍ରାମାଃ ପ୍ରକୀର୍ତିତାଃ |**
**ଭୂର୍ଲୋକାଜ୍ଜାୟତେ ଷଡଜୋ ଭୂବର୍ଲୋକାଚ୍ଚ ମଧ୍ୟମଃ || ୨-୬ ||**
**ସ୍ୱର୍ଗାତ୍ନାନ୍ୟତ୍ର ଗାନ୍ଧାରୋ ନାରଦସ୍ୟ ମତଂ ଯଥା |**
**ସ୍ୱରରାଗ ବିଶେଷେଣ ଗ୍ରାମ ରାଗା ଇତି ସ୍ମୃତାଃ || ୨-୭ ||**

ଷଡ୍ଜ, ମଧ୍ୟମ, ଓ ଗାନ୍ଧାର ଏହି ତିନୋଟି ଗ୍ରାମ (ସ୍ୱର ସମୁହ), ପ୍ରଥମଟି ଭୂଲୋକରୁ ଉତ୍ପନ୍ନ ହୋଇଅଛି, ୨ୟଟି ଭୂବଲୋକରୁ ଉତ୍ପନ୍ନ ହୋଇଅଛି ଓ ୩ୟଟି ସ୍ୱର୍ଗଲୋକରୁ ଉତ୍ପନ୍ନ ହୋଇଅଛି । ଏହା ନାରଦମୁନୀ କୁହନ୍ତି ।



Not For Commercial Use

(ପ୍ରକୃତି ଓ ସ୍ୱରର ସମ୍ବନ୍ଧ)

**ଷଡ୍‌ଜଂ ବଦତି ମୟୂରୋ ଗାବୋ ରଂଭନ୍ତି ଚର୍ଷଭମ୍ |**
**ଅଜାବିକେତୁ ଗାନ୍ଧାରମ୍ କ୍ରୌଚୋ ବଦତି ମଧ୍ୟମମ୍ || ୫-୩||**
**ପୁଷ୍ପସାଧାରଣେ କାଲେ କୋକିଲା ବଦତି ପଞ୍ଚମମ୍ |**
**ଅଶ୍ୱସ୍ତୁ ଧୈବତଂ ବକ୍ତି ନିଷାଦଂ ବକ୍ତି କୁଞ୍ଜରଃ || ୫-୪||**

ଶାସ୍ତ୍ରଜ୍ଞମାନେ ସାଧାରଣତ ଏହି ନିୟମ କୁହନ୍ତି ଯେ - ମୟୂରର ସ୍ୱରକୁ ଷଡ୍‌ଜ କୁହନ୍ତି, ଗୌ (ଗାଇ)ର ସ୍ୱରକୁ ଋଷଭ, ତଥା ଛାଗଳ ଅଥବା ଗଧିଆର ସ୍ୱରକୁ ଗାନ୍ଧାର ଓ କ୍ରୋଚ (ସାରସ)ର ସ୍ୱରକୁ ମଧ୍ୟମ କୁହନ୍ତି | ବସନ୍ତଋତୁରେ କୋକିଳ ପଞ୍ଚମ ସ୍ୱରର ଉଚ୍ଚାରଣ କରେ, ଘୋଡ଼ା ଧବତ ସ୍ୱର କରେ, ଓ ହାତୀ ନିଷାଦ ସ୍ୱର ଉଚ୍ଚାରଣ କରିଥାଏ |

(ସ୍ୱରମାନଙ୍କର ସ୍ଥାନ)

**କଣ୍ଠାଦୁତ୍ତିଷ୍ଠତେ ଷଡ୍‌ଜଃ ଶିରସସ୍ତ୍ୱ-ବୃଷଭଃ ସ୍ମୃତଃ |**
**ଗାନ୍ଧାରସ୍ତ୍ୱନୁନାସିକ୍ୟ ଉରସୋ ମଧ୍ୟମଃ ସ୍ୱରଃ || ୫-୫||**
**ଉରସଃ ଶିରସଃ କଣ୍ଠାଦୁତ୍ଥିତଃ ପଂଚମଃ ସ୍ୱରଃ |**
**ଲଲାଟାଦ୍ଧୈବତଂ ବିଦ୍ୟାନ୍ନିଷାଦଂ ସର୍ବସନ୍ଧିଜମ୍ || ୫-୬||**

କଣ୍ଠରୁ ଷଡ୍‌ଜ ବୋଲାଯାଏ, ଋଷଭ ଶିର (ମୁଣ୍ଡ)ରୁ ଉତ୍ପନ୍ନ ହୋଇଥାଏ, ଅନୁନାସିକ (ନାକ) ଗାନ୍ଧାରର ସ୍ଥାନ ଅଟେ ଓ ମଧ୍ୟମ ଉର (ଛାତି)ର ସ୍ଥାନ ଅଟେ । ଉର,ଶିର ଓ କଣ୍ଠରୁ ପଂଚମ ସ୍ୱର ବାହାରିଥାଏ, ଲଲାଟରୁ ଧୈବତ ଓ ସଂପୂର୍ଣ୍ଣ ସନ୍ଧିସ୍ଥାନରୁ ନିଷାଦ ଉତ୍ପନ୍ନ ହୋଇଥାଏ ।

**ନାସାକଣ୍ଠମୁରସ୍ତାଲୁ ଜିହ୍ୱା ଦନ୍ତାଁଶ୍ଚ ସଂସ୍ଥିତଃ |**
**ଷଡ୍‌ଭିଃ ସଂଜାୟତେ ଯସ୍ମାତ୍ତସ୍ମାତ୍‌ଷଡ୍‌ଜ ଇତି ସ୍ମୃତଃ || ୫-୭||**

ନାସିକା, କଣ୍ଠ, ଉର, ତାଲୁ, ଜିହ୍ୱା, ଓ ଦନ୍ତ, ଏହି ୬ଟି ସ୍ଥାନରୁ ଷଡ୍‌ଜ ସ୍ୱରର ଉତ୍ପତ୍ତି ବୋଲି ଜାଣ । ଏହିପାଇଁ ଏହାକୁ ଷଡ୍‌ଜ ବୋଲି ଯୌଗିକ ସଂଜ୍ଞା ଦିଆଯାଇଛି - **ଷଡ୍-ଭ୍ୟୋଜାତଃ ଷଡ୍‌ଜଃ** |

Not For Commercial Use

(ଶରୀରରେ ସ୍ୱରର ଉତ୍ପତ୍ତି)

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ |**
**ନର୍ଦତ୍ୟୃଷଭବଦ୍ୟସ୍ମାତ୍ ତସ୍ମାତ୍ ଋଷଭ ଉଚ୍ୟତେ || ୫-୮||**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରଭାଗକୁ ସ୍ପର୍ଶକରି ବଳଦ ସଦୃଶ ଧ୍ୱନିକୁ ଉତ୍ପନ୍ନ କରିଥାଏ, ସେଥିପାଇଁ ଏହାକୁ ଋଷଭ ବୋଲି ସଂଜ୍ଞା ଦିଆଯାଇଛି |

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ |**
**ନାସାଗନ୍ଧାବହଃ ପୁଣ୍ୟୋ ଗାନ୍ଧାରସ୍ତେନ ହେତୁନା || ୫-୯||**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରକୁ ସ୍ପର୍ଶକରି ନାସିକା ଭାଗରେ ଯେଉଁ ଧ୍ୱନି ଉତ୍ପନ୍ନ କରେ, ତାହାକୁ ଗାନ୍ଧାର କୁହନ୍ତି |

**ବାୟୁଃ ସମୁଚ୍ଛିତୋ ନାଭେରୁରୋହୃଦି ସମାହତଃ |**
**ନାଭିଂ ପ୍ରାପ୍ତୋ ମହାନାଦୋ ମଧ୍ୟମତ୍ୱଂ ସମଶ୍ନୁତେ || ୫-୧୦||**

ନାଭିକମଳରୁ ଉଠିଥିବା ବାୟୁ ଉର ଓ ହୃଦୟକୁ ପ୍ରାପ୍ତହୋଇ ଯେବେ ମହାନାଦକୁ ଉତ୍ପନ୍ନକରେ, ତେବେ ଏହା ମଧ୍ୟମ ସଂଜ୍ଞାକୁ ପ୍ରାପ୍ତ ହୁଏ |

**ବାୟୁଃ ସମୁତ୍ଥିତୋ ନାଭେରୁରୋ ହୃତ୍କଂଠଶିରୋ ହତଃ |**
**ପଂଚମସ୍ଥାନୋତ୍ଥିତସ୍ୟାସ୍ୟ ପଂଚମତ୍ୱଂ ବିଧୀୟତେ || ୫-୧୧||**

ନାଭିକମଳରୁ ସମୁତ୍ଥିତ ବାୟୁ ଯେବେ ଉର, ହୃଦୟ, କଣ୍ଠ ଓ ଶିରକୁ ସ୍ପର୍ଶକରି ଯେଉଁ ଶବ୍ଦ ଉତ୍ପନ୍ନକରେ, ତେବେ ତାହାକୁ ପଞ୍ଚମ କୁହାଯାଏ, କାରଣ ସେହି ସ୍ୱର ୫ଟି ସ୍ଥାନକୁ ସ୍ପର୍ଶକରି ବାହାରିଥାଏ |

**ଧୈବତଂଚ ନିଷାଦଂଚ ବର୍ଜୟିତ୍ୱା ସ୍ୱରଦ୍ୱୟମ୍ |**
**ଶେଷାନ୍ ପଂଚସ୍ୱରାଂସ୍ତ୍ୱନ୍ୟାନ୍ପଂଚସ୍ଥାନୋଚ୍ଛ୍ରିତାନ୍ବିଦୁଃ || ୫-୧୨||**

ଧୈବତ ଓ ନିଷାଦ, ଏହି ୨ଟି ସ୍ୱରକୁ ଛାଡି ଶେଷ ୫ଟି ସ୍ୱର ୫ ସ୍ଥାନରୁ ବାହାରିଥାଆନ୍ତି ବୋଲି ଏହା ଜାଣ |

# ସାମଗାନରେ ସ୍ୱରର କ୍ରମ

**ୟଃ ସାମଗାନାଂ ପ୍ରଥମଃ ସ ବେଣୋର୍ମଧ୍ୟମଃ ସ୍ୱରଃ |**
**ୟୋ ଦ୍ୱିତୀୟଃ ସ ଗାଂଧାରଃ ତୃତୀୟସତ୍-ବୃଷଭଃ ସ୍ମୃତଃ || ୫-୧||**
**ଚତୁର୍ଥଃ ଷଡ୍‌ଜ ଇତ୍ୟାହୁଃ ପଂଚମୋ ଧୈବତୋ ଭବେତ୍ |**
**ଷଷ୍ଠୋ ନିଷାଦୋ ବିଜ୍ଞେୟଃ ସପ୍ତମଃ ପଂଚମଃ ସ୍ମୃତଃ || ୫-୨|| (ନାରଦୀୟଶିକ୍ଷା - ୫-|୧-୨|)**

ଏହି ନାରଦୀୟ-ଶିକ୍ଷାରେ ଧୈବତ ଓ ନିଷାଦର ସ୍ଥାନ ପରିବର୍ତ୍ତନ ଦେଖାଯାଏ, ଏହାର ବିଚାର ସଙ୍ଗୀତଜ୍ଞ କରନ୍ତୁ | ଏହାର ସ୍ୱର ସାମଗାନର ଅନୁସାରେ ଏହି ପ୍ରକାରର –

| | | | | |
|---|---|---|---|---|
| | ଅତିକୃଷ୍ଟଃ | | ପଂଚମ | ପ |
| ୧ | ପ୍ରଥମଃ | ବେଣୋଃ | ମଧ୍ୟମଃ | ମ |
| ୨ | ଦ୍ୱିତୀୟଃ | | ଗାଂଧାରଃ | ଗ |
| ୩ | ତୃତୀୟଃ | | ଋଷଭଃ | ରେ |
| ୪ | ଚତୁର୍ଥଃ | | ଷଡ୍‌ଜଃ | ସ |
| ୫ | ପଂଚମଃ | ମନ୍ଦ୍ରଃ | ନିଷାଦଃ | ନି |
| ୬ | ଷଷ୍ଠଃ | ଅତିସ୍ୱାର୍ଥଃ | ଧୈବତଃ | ଧ |
| ୭ | ସପ୍ତମଃ | | ପଂଚମଃ | ପ |

**ଏହାର କ୍ରମ କିପରି ଓ କାହିଁକି ?**

(କୃଷ୍ଟଃ) ତଦ୍ୟୋସୌ କୃଷ୍ଟତମ ଇବ ସାମ୍ନଃ ସ୍ୱରସ୍ତଂ ଦେବା ଉପଜୀବନ୍ତି | - ||ପ||
୧. ୟୋଽବରେଷାଂ ପ୍ରଥମସ୍ତଂ ମନୁଷ୍ୟା ଉପଜୀବନ୍ତି | - ||ମ||
୨. ୟୋ ଦ୍ୱିତୀୟସ୍ତଂ ଗନ୍ଧର୍ବାପ୍ସରସଃ ଉପଜୀବନ୍ତି | - ||ଗ||
୩. ୟୋ ତୃତୀୟସ୍ତଂ ପଶବଃ (ବୃଷଭଃ / ଋଷଭଃ) ଉପଜୀବନ୍ତି | - ||ରେ||
୪. ୟଶ୍ଚତୁର୍ଥସଂ ପିତରୋ ୟେ ଚାଣ୍ଡେଷୁଶେରତେ | - ||ସ||
୫. ୟଃ ପଂଚମସ୍ତମସୁରରକ୍ଷାଂସି (ନିଷାଦଃ) ଉପଜୀବନ୍ତି | - ||ନି||
(ଅନ୍ତ୍ୟଃ) ୟୋଽନ୍ତ୍ୟସ୍ତମୋଷଧୟୋ ବନସ୍ପତୟଶ୍ଚାନ୍ୟଜ୍ଜଗତ୍ (ସାମବିଧାନ ବ୍ରାହ୍ମଣେ) | - ||ଧ||

Not For Commercial Use

ତଥା ଏହା ମଧ୍ୟ ପରିଲକ୍ଷିତ ହୁଏ ଯେ - ଏହାର ସ୍ୱରକ୍ରମ ଉଚ୍ଚ ସ୍ୱରରୁ ନୀଚ ସ୍ୱର କ୍ରମରେ ରହିଅଛି, ଯାହା ସାମଗାନର ଲକ୍ଷଣ ଅଟେ ।

ଉପରୋକ୍ତ ସମସ୍ତ, ସାମଗାନର ସ୍ୱରମଣ୍ଡଳ ଅଟେ । ଉଦ୍ଗାତା ଏହି ସ୍ୱରରେ ସାମଗାନ କରିଥାଆନ୍ତି ।

ସାମଗାନରେ **୬ ପ୍ରକାରର ସାମବିକାର** ହୋଇଥାଏ, ସେମାନେ ହେଲେ -
**ବିକାର, ବିଶ୍ଳେଷଣ, ବିକର୍ଷଣ, ଅଭ୍ୟାସ, ବିରାମ** ଓ **ସ୍ତୋଭ** ।
୧. **ବିକାର** - "ଅଗ୍ନେ" ରୁ "ଓଗ୍ନାୟି" ହୋଇଥାଏ ।
୨. **ବିଶ୍ଳେଷଣ** - "ବୀତୟେ" ରୁ "ବୋୟି ତୋୟା୨ଧି" ହୋଇଥାଏ ।
୩. **ବିକର୍ଷଣ** - "ୟେ" ରୁ "ୟା୨୩ୟି" ହୋଇଥାଏ ।
୪. **ଅଭ୍ୟାସ** - ବାରମ୍ବାର କହିବା ବା ଗାଇବା, ଯେପରି "ତୋୟା୨ୟି । ତୋୟା୨ୟି" ଅଟନ୍ତି ।
୫. **ବିରାମ** - ଯେଉଁଭଳି "ଗୃଣାନୋ ହବ୍ୟଦାତୟେ" କୁ "ଗୃଣାନୋହ । ବ୍ୟଦାତୟେ" ଗାଇବା, ଯଦିଚ ମୂଳମନ୍ତ୍ରରେ "ଗୃଣାନୋହ । ବ୍ୟଦାତୟେ" ଏହିଭଳି ରୂପ ନାହିଁ, କିନ୍ତୁ ଗାନର ସୌକିର୍ଯ୍ୟ ପାଇଁ ମଧ୍ୟରେ ଏହାକୁ ଭାଙ୍ଗିଦିଆଯାଏ, ଏହାକୁ ବିରାମ କୁହନ୍ତି ।
୬. **ସ୍ତୋଭ** - ଋଚାରେ ନ'ଥିବା ଅକ୍ଷରକୁ ଗାଇବା, ଯେପରି - "ଓ ହୋଵା । ହାଉ" ଇତ୍ୟାଦି ।

ସାମବେଦ ନିସନ୍ଦେହ ଗାନରୂପ ଅଟନ୍ତି, କିନ୍ତୁ ସାମବେଦ ଯାହା ଆଜି ପୁସ୍ତକରୂପରେ ଉପଲବ୍ଧ, ତାହା କେବଳ ଋଚାମାନଙ୍କର ସଂଗ୍ରହ ମାତ୍ର । ଏଥିରେ ଗୋଟିଏ ବି ସାମଗାନ ନାହିଁ । ଯେଉଁ ମନ୍ତ୍ରମାନଙ୍କୁ ଆଧାରକରି ସାମଗାନ ହୋଇଥାଏ, ସେମାନେ "**ଯୋନିମନ୍ତ୍ର**" ଅଟନ୍ତି । ଅର୍ଥାତ୍ ସାମବେଦର ଏହି ମନ୍ତ୍ରମାନଙ୍କୁ ଗାଆନ୍ତି ନାହିଁ, ପରନ୍ତୁ ଏହାଙ୍କୁ ଆଧାରକରି ତିଆରି କରାଯାଇଥିବା 'ସାମଗାନ'ମାନଙ୍କୁ ଗାଆନ୍ତି । ଋଷିମାନେ ଏହି 'ଯୋନିମନ୍ତ୍ର'ମାନଙ୍କୁ ଆଧାରକରି ହଜାର ହଜାର ଗାନ ତିଆରି କରିଛନ୍ତି, ଯାହା ଆଜି "**ସାମଗାନ**" ନାମରେ ପରିଚିତ ।

ସାମବେଦରେ ୧୮୭୫ଟି ମନ୍ତ୍ର ଅଛନ୍ତି, ଏହି ମନ୍ତ୍ରମାନଙ୍କୁ ଆଧାରକରି ପାଖାପାଖି ୪୦୦୦ ସାମଗାନ ତିଆରି ହୋଇଅଛି । ଏହା ସାମବେଦର "**କୌଥୁମ ଶାଖା**" ଯାହାଉପରେ ୪୦୦୦ ସାମଗାନ ତିଆରି ହୋଇଛି । ସେହିପରି ସାମବେଦର "**ରାଣାୟଣ ଶାଖା**" ଯାହାଙ୍କୁ ଆଧାରକରି ୪୦୦୦ ସାମଗାନ ପୃଥକ୍

Not For Commercial Use

ତିଆରି ହୋଇଛି । ସେହିଭଳି ସାମବେଦର ଅନେକ ଶାଖା ଅଛିନ୍ତି, ଓ ତାହାଙ୍କୁ ଆଧାରକରି ଅନେକ ଅନେକ ସାମଗାନ ତିଆରି କରାଯାଇଛି । ଏହି ସାମଗାନ ଯେଉଁ ଋଷିମାନେ ତିଆରି କରିଛନ୍ତି, ସେହି ଗାନସମୂହ ତାଙ୍କ ନାମରେ ଆଜି ମଧ୍ୟ ପ୍ରସିଦ୍ଧ ଅଟନ୍ତି । ଯେପରିକି - "**ଗୋତମସ୍ୟ ପର୍କଂ**", "**କଶ୍ୟପସ୍ୟ ବାର୍ହିଷଂ**" ଇତ୍ୟାଦି । ଏହି ସମସ୍ତ ସାମଗାନ "**ଗ୍ରାମଗାନ, ଆରଣ୍ୟଗାନ, ଉହଗାନ, ଉହ୍ୟଗାନ**" ଆଦି ନାମରେ ପ୍ରସିଦ୍ଧ ଅଟନ୍ତି ।

ସାମବେଦର ମନ୍ତ୍ରସମୂହ ଅଧିକାଶଂ ଋକ୍-ବେଦରୁ ଗୃହୀତ, ଯହାଙ୍କୁ ଆଧାରକରି ସାମଗାନ ଗାଆନ୍ତି । ମୋଟାମୋଟି ଏହା କହିହେବ ଯେ - ଯେଉଁ ମନ୍ତ୍ର ପାଦବଦ୍ଧ ଅଟନ୍ତି, ସେମାନଙ୍କୁ ଆଧାରକରି ସାମଗାନ ତିଆରିକରିବା ସମ୍ଭବ ଅଟେ ଓ ଏହାକୁ ମଧ୍ୟ ଗାଇବା ସମ୍ଭବ ଅଟେ ।

## ମନ୍ତ୍ର ଓ ସାମଗାନ

ଋକ୍-ବେଦରୁ ଯେଉଁ ମନ୍ତ୍ର ସାମବେଦରେ ଆସିଅଛି, ତାହା ଉପରେ କେମିତି ସାମଗାନ ତିଆରି କରାଯାଇଛି, ତାହାର ଏକ ଉଦାହରଣ ନିମ୍ନରେ ଦିଆଯାଇଛି ।

**ଋକ୍-ବେଦ ମନ୍ତ୍ର** -

ଅଗ୍ନ ଆୟାହି ବୀତୟେ ଗୃଣାନୋ ହବ୍ୟଦାତୟେ |
ନି ହୋତା ସତ୍ସି ବର୍ହିଷି || (ଋ.ବେ - ୬|୧୬|୧୦)

**ସାମବେଦର ମନ୍ତ୍ର (ସାମୟୋନିଃ)** -

ଅଗ୍ନ ଆ ୟାହି ବୀତୟେ ଗୃଣାନୋ ହବ୍ୟଦାତୟେ |
ନି ହୋତା ସତ୍ସି ବର୍ହିଷି || (ସା.ବେ - ୧|୧|୧|୦୧|୦୧)

**ଏହି ମନ୍ତ୍ରର ସାମଗାନ** -

**(୧) - ଗୋତମସ୍ୟ ପର୍କମ୍** -

ଓଗ୍ନାଇ | ଆୟାହୀ୧ଓ | ବୋଇତୋୟା୧୨ଇ | ତୋୟା୧୨ଇ | ଗୃଣାନା ହ | ବ୍ୟଦାତୋୟା୧୨ଇ |
ତୋ ୟା୧୨ଇ | ନାଇ ହୋତାସା୧୨ଓ | ତ୍ସା୧୨ଇ | ବା୧୨ଓ୪ ଔହୋ ବା | ହୀ୧୨ଓ୪ଷୀ ||୧||

**(୨) କଶ୍ୟପସ୍ୟ ବାର୍ହିଷମ୍ -**

ଅଗ୍ନ ଆୟାହି ବୀ | ତୟା୩ | ଗୃଣାନୋହବ୍ୟଦାତାଽ୨୩ୟାଇ |
ନି ହୋତା ସତ୍ସି ବର୍ହାଽ୨୩ଇଷୀ | ବର୍ହାଽ୨ଇଷାଽ୨୩୪ ଔ ହୋବା | ବର୍ହୀଽ୩ଷୀଽ୨୩୪୫ ||୨||

ଉପରୋକ୍ତ ଉଦାହରଣରେ ପ୍ରଥମ ମନ୍ତ୍ରଟି ଋକ୍-ବେଦ ମନ୍ତ୍ର । ୨ୟଟି ସେହି ମନ୍ତ୍ର ସାମବେଦରେ କେମିତି ଅଛି, ଯାହାଙ୍କୁ ସାମଯୋନି ମଧ୍ୟ କୁହାଯାଏ, କାରଣ ଏହାକୁ ଆଧାରକରି ସାମଗାନ ତିଆରି କରାଯାଏ । ୩ୟ ମନ୍ତ୍ରଟି ଗୋତମସ୍ୟ ପର୍କଂ (ଗୋତମ ଋଷି ତିଆରି କରିଥିବା ସାମଗାନ) । ୪ର୍ଥ ମନ୍ତ୍ରଟି କଶ୍ୟପସ୍ୟ ବାର୍ହିଷଂ (କଶ୍ୟପ ଋଷି ତିଆରି କରିଥିବା ସାମଗାନ, ସେହି ଋକ୍-ବେଦ ମନ୍ତ୍ରର) ।

## ସାମବେଦରେ ସ୍ୱରର ସଂକେତ

ଋକ୍-ବେଦ, ଯଜୁର୍ବେଦ ଓ ଅଥର୍ବବେଦରେ ସ୍ୱରମାନଙ୍କର ସଂକେତ ବା ଚିହ୍ନ (',_) ଦିଆଯାଇଥାଏ । ସେମାନଙ୍କର ଉଦାତ୍ତ ସ୍ୱରର ସଂକେତ ଅକ୍ଷର ଉପରେ ଏକ ଲମ୍ବାଗାର ଥାଏ ('), ଅନୁଦାତ୍ତ ସ୍ୱରର ସଂକେତ ଅକ୍ଷର ତଳେ ଏକ ଲମ୍ବାଗାର ଥାଏ (_), ତଥା ସ୍ୱରିତ ସ୍ୱରର କୌଣସି ସଂକେତ ନ ଥାଏ । କିନ୍ତୁ ସାମବେଦରେ ଏହି ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱରମାନଙ୍କର ସଂକେତ ସଂଖ୍ୟାଦ୍ୱରା ଅକ୍ଷର ଉପରିଭାଗରେ ଚିହ୍ନିତ କରାଯାଇଥାଏ ( अग्न आ याहि वीतये ) । କିନ୍ତୁ ମନ୍ତ୍ରମାନଙ୍କ ମଧ୍ୟରେ ସଂଖ୍ୟା ଉଚ୍ଚାରଣର ମାତ୍ରାକୁ (ଉଚ୍ଚାରଣର ସମୟ) ଦର୍ଶାଇଥାଏ - ଉଦାହରଣ ସ୍ୱରୂପ - ହର୍ସ୍ୱ-ସ୍ୱରବର୍ଣ୍ଣ ୧ ମାତ୍ରା, ଦୀର୍ଘ-ସ୍ୱରବର୍ଣ୍ଣ ୨ ମାତ୍ରା, ପ୍ଲୁତ ୩ମାତ୍ରା, ଇତ୍ୟାଦି (ପ୍ରତ୍ୟକ ମାତ୍ରା ପ୍ରାୟ ୦.୪ ସେକେଣ୍ଡ) ।

ଉଦାତ୍ତ - ୧

ସ୍ୱରିତ - ୨

ଅନୁଦାତ୍ତ - ୩

ଏଥି ସହିତ ଅନ୍ୟ ସାଂକେତିକ ଚିହ୍ନମାନଙ୍କର ଉଚ୍ଚାରଣ ମଧ୍ୟ କରାଯାଇଥାଏ, ଯଥା - ପ୍ରଚେୟ, ସ୍ୱନ୍ତର, ଅନୁନାଷିକ ଆଦି ଅନେକ । ଏ ସମସ୍ତ ସାଂକେତିକ ଚିହ୍ନମାନଙ୍କୁ ଲେଖି ବୁଝାଇବା ସମ୍ଭବ ନୁହେଁ କାରଣ ଏହା ଅଭ୍ୟାସର ବିଷୟ, ଏଥିପାଇଁ ଗୁରୁଙ୍କର ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ ।

Not For Commercial Use

# ସାମବେଦରେ ମନ୍ତ୍ର ସଂଖ୍ୟାର ବିବରଣୀ

| ଭାଗ | ଅଧ୍ୟାୟ | ମନ୍ତ୍ରସଂଖ୍ୟା | ବିଷୟ | ସାମଗାନ |
|---|---|---|---|---|
| ପୂର୍ବାର୍ଚ୍ଚିକ | ୧ | ୧୧୪ | ଆଗ୍ନେୟ ପର୍ବ | ଗ୍ରାମଗାନ |
| | ୨ | ୧୧୮ | ଐନ୍ଦ୍ର ପର୍ବ | |
| | ୩ | ୧୧୯ | | |
| | ୪ | ୧୧୫ | | |
| | ୫ | ୧୧୯ | ପବମାନ ପର୍ବ | |
| | ୬ | ୬୫ | ଆରଣ୍ୟକ ପର୍ବ | ଅରଣ୍ୟଗାନ |
| | **ସମୁଦାୟ** | **୬୫୦** | | |
| ଉତ୍ତରାର୍ଚ୍ଚିକ | ୧ | ୬୨ | ଯଜମାନ ସମ୍ବୋଧନ, ସୋମସ୍ତୁତି, ଅଗ୍ନିସ୍ତୁତି, ଇନ୍ଦ୍ରସ୍ତୁତି, ଅନ୍ୟାନ୍ୟ | |
| | ୨ | ୬୨ | | |
| | ୩ | ୫୫ | | |
| | ୪ | ୫୬ | | |
| | ୫ | ୬୯ | | |
| | ୬ | ୭୬ | | |
| | ୭ | ୮୫ | | |
| | ୮ | ୫୯ | | |
| | ୯ | ୬୮ | | |
| | ୧୦ | ୯୪ | | |
| | ୧୧ | ୩୨ | | |
| | ୧୨ | ୫୬ | | |
| | ୧୩ | ୫୪ | | |
| | ୧୪ | ୪୬ | | |
| | ୧୫ | ୩୮ | | |
| | ୧୬ | ୪୪ | | |
| | ୧୭ | ୪୦ | | |
| | ୧୮ | ୫୪ | | |
| | ୧୯ | ୫୪ | | |
| | ୨୦ | ୮୪ | | |
| | ୨୧ | ୨୬ | | |
| | **ସମୁଦାୟ** | **୧୨୨୫** | | |
| | **ସାମବେଦସମୁଦାୟ** | **୧୭୮୫** | | |

Not For Commercial Use

## ସାମବେଦ ମନ୍ତ୍ରସଂଖ୍ୟା

(କୌଥୁମ ଶାଖା)

| | |
|---|---|
| ପୂର୍ବାର୍ଚ୍ଚିକ | ୫୮୫ |
| ଆରଣ୍ୟକ | ୫୯ |
| ଉତ୍ତରର୍ଚ୍ଚିକ | ୧୨୨୫ |
| ମହାନାମ୍ନି | ୬ |
| **ସମୁଦାୟ** | **୧୮୭୫** |

ଏହି ମନ୍ତ୍ରମାନଙ୍କୁ ଆଧାରକରି କେତୋଟି ସାମଗାନ ତିଆରି ହୋଇଛି - ତାହା ନିମ୍ନ ପ୍ରକାରର -

**କୌଥୁମ ଶାଖା**

| | |
|---|---|
| ଗ୍ରାମଗେୟଗାନ | ୧୧୯୭ |
| ଆରଣ୍ୟଗେୟଗାନ | ୨୯୪ |
| ଉହଗାନ | ୧୦୨୬ |
| ଉହ୍ୟଗାନ | ୨୦୫ |
| **ସମୁଦାୟ** | **୨୭୨୨** |

## ସାଂକେତିକ ଶବ୍ଦାବଳି

ଅ.ବେ – ଅଥର୍ବବେଦ

ଋ.ବେ - ଋକ୍-ବେଦ

ସା.ବେ – ସାମବେଦ

ଯ.ବେ – ଯଜୁର୍ବେଦ

ଛା.ଉ - ଛାନ୍ଦୋଗ୍ୟ ଉପନିଷଦ

ଗୀ - ଶ୍ରୀମଦ୍ ଭଗବଦ୍ ଗୀତା

ମହା - ମହାଭାରତ

ମ.ଭା - ମହାଭାରତ

ନା.ଶି - ନାରଦୀୟ ଶିକ୍ଷା

ଜୈ.ସୂ - ଜୈମିନୀୟ ସୂତ୍ର

ବୃ.ଉ - ବୃହଦାରଣ୍ୟକ ଉପନିଷଦ

ଐ.ବା - ଐତରେୟ ବ୍ରାହ୍ମଣ

Not For Commercial Use

ୟଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ୟଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୂନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

Not For Commercial Use

| | |
|---|---|
| Sources<br>ସୂତ୍ର | • www.archive.org<br>• www.vedicheritage.gov.in<br>• www.academia.edu<br>• IISH Global (Indian Institute of Scientific Heritage)<br>• www.sanskritweb.net/samveda/<br>• Vedanta Spiritual Library – www.celextel.org<br>• www.wikipedia.org |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

# ସାମବେଦ - ଏକ ସଂକ୍ଷିପ୍ତ ପରିଚୟ


"ବେଦବ୍ୟାସ", '**ବେଦତ୍ରୟୀ**' (ଋକ୍, ଯଜୁସ୍, ସାମ୍) ମାନଙ୍କୁ ସାହିତ୍ୟିକ ପଦ୍ଧତିର ଶୈଳୀରେ (ପଦ୍ୟ, ଗଦ୍ୟ, ସଂଗୀତ) ବିଭାଜନ କରିଥିଲେ । ପଦ୍ୟରେ ଋକ୍ ଓ ଅଥର୍ବ ବେଦକୁ, ଗଦ୍ୟରେ ଯଜୁର୍ବେଦକୁ, ତଥା, ସଂଗୀତରେ ସାମବେଦକୁ ବିଭାଜନ କରିଥିଲେ । ତେଣୁ ସଂଗୀତ ସ୍ୱରୂପରେ ରଚିତ ବେଦକୁ "**ସାମବେଦ**" କୁହାଯାଏ । ସେ, ଏହି ୪ଟି ବେଦ ତାଙ୍କର ୪ଜଣ ମୁଖ୍ୟ ଶିଷ୍ୟଙ୍କୁ ଶିକ୍ଷାଦାନ କରିଥିଲେ, ସେମାନଙ୍କ ମଧ୍ୟରୁ "**ଜୈମିନି**"ଙ୍କୁ 'ସାମବେଦ' ଶିକ୍ଷାଦାନ କରିଥିଲେ । 'ଜୈମିନି'ଙ୍କ ଠାରୁ 'ସାମବେଦ'ର ପରମ୍ପରା ଆରମ୍ଭ ହୋଇଥିଲା । ପରସମୟରେ, 'ଜୈମିନି' ତାଙ୍କର ପୁତ୍ର 'ସୁମନ୍ତୁ'ଙ୍କୁ; 'ସୁମନ୍ତୁ' ତାଙ୍କ ପୁତ୍ର 'ସୁନ୍ୱାନ'ଙ୍କୁ; ଓ 'ସୁନ୍ୱାନ' ତାଙ୍କ ପୁତ୍ର 'ସୁକର୍ମା'ଙ୍କୁ "ସାମବେଦ"ର ଶିକ୍ଷା ଦେଇଥିଲେ । ପରସମୟରେ 'ସୁକର୍ମା' "ସାମବେଦ"ର ପ୍ରଚାର କରିଆସିଥିଲେ । ଏହିପରି "ସାମବେଦ"ର ଅଧ୍ୟୟନ ଓ ଅଧ୍ୟାପନା ପରମ୍ପରା ଚାଲିଆସୁଅଛି ।

"ସାମବେଦ"ରେ ସମୁଦାୟ **୧୮୭୫** ମନ୍ତ୍ର ଅଛି ଓ ସେଥିମଧ୍ୟରୁ ୯୫ଭାଗ ମନ୍ତ୍ର 'ଋକ୍-ବେଦ'ରୁ ଋଣ ରୂପରେ ନିଆଯାଇଛି ଓ କେବଳ ୭୫ଟି ନୂତନ ମନ୍ତ୍ର 'ସାମବେଦ'ର । ତେଣୁ ଏବେ ମନରେ ପ୍ରଶ୍ନ ଉଠିପାରେ, ଯେହେତୁ "ସାମବେଦ"ର ୯୫ଭାଗ ମନ୍ତ୍ର "ଋକ୍-ବେଦ"ରୁ ନିଆଯାଇଛି, ତା'ହେଲେ ଏହାକୁ "ସାମବେଦ" କାହିଁକି କୁହାଯାଉଛି ? ଏହାର ଉତ୍ତର ହେଉଛି, ଏହାର 'ପଦପାଠ' ଶୈଳୀ, ସ୍ୱର ଓ 'ଛନ୍ଦ' ଭିନ୍ନ, ତଥା ବେଳେ ବେଳେ "ଋକ୍-ବେଦ"ର ଅଂଶିକ ମନ୍ତ୍ର ମଧ୍ୟ ନିଆଯାଇଛି । "ଋକ୍-ବେଦ"ରେ ୩ଟି ସ୍ୱର ବ୍ୟବହୃତ ହେଉଥିବା ବେଳେ "ସାମବେଦ"ରେ **୭ଟି ସ୍ୱର** ବ୍ୟବହୃତ ହୋଇଥାଏ । ତେଣୁ "ସାମବେଦ", "ଋକ୍-ବେଦ" ଠାରୁ ଭିନ୍ନ । "ସାମବେଦ"କୁ ସଂଗୀତ ବା ଗାନ ଆକାରରେ ରଚନା କରାଯାଇଛି । ଏହାର ଶ୍ରୁତି ମଧୁର ଅଟେ । "ସାମବେଦ" ୪ଟି ବେଦ ମଧ୍ୟରୁ ସବୁଠୁ କଷ୍ଟ ଓ ସ୍ୱତନ୍ତ୍ର ଅଟେ । ଏହାର ମହତ୍ୱ "**ଶ୍ରୀକୃଷ୍ଣ**", "ଭାଗବତ ଗୀତା"ରେ ମଧ୍ୟ କହିଛନ୍ତି, "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ ବେଦମାନଙ୍କ ମଧ୍ୟରେ ମୁଁ "ସାମବେଦ" । "ସାମବେଦ"ରୁ ଭାରତୀୟ **ସଂଗୀତ**, **କଳା**, **ଛନ୍ଦ** ଓ **ତାଳ** ଇତ୍ୟାଦି ସୃଷ୍ଟି । ଉପବେଦ '**ଗନ୍ଧର୍ବବେଦ**', "ସାମବେଦ"କୁ ଆଧାର କରି ତିଆରି କାରାଯାଇଛି ।

Not For Commercial Use

## ସାମବେଦ ସଂଗଠନ

'ସାମବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା - **ଆର୍ଚିକ** ଓ **ଗାନ** । ପୁନଃ 'ଆର୍ଚିକ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ପୂର୍ବାର୍ଚିକ**" ଓ "**ଉତ୍ତରାର୍ଚିକ**", ସେହିପରି 'ଗାନ'କୁ ୪ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଗ୍ରାମଗେୟ**", "**ଆରଣ୍ୟକ ଗାନ**", "**ଉହଗାନ**" ଓ "**ଉହ୍ୟଗାନ**" ।




- **ଆର୍ଚିକ** - "ଋଚା" ବା "ମନ୍ତ୍ର"ମାନଙ୍କର ସମୁହ, ଯେଉଁ ମନ୍ତ୍ରସମୁହ ବିଭିନ୍ନ ପର୍ବରେ ପାଠ କରାଯାଏ, ବା ପ୍ରୟୋଗ କରାଯାଏ ।
- **ପୂର୍ବାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ ଯଜ୍ଞ ସମୟରେ ପାଠ କରାଯାଏ, ତାହାକୁ "ପୂର୍ବାର୍ଚିକ" କୁହାଯାଏ । ଏହାର ବିଷୟବସ୍ତୁ "ଆଗ୍ନେୟ ପର୍ବ", ଐନ୍ଦ୍ର ପର୍ବ", "ପବମାନ ପର୍ବ" ଓ "ଆରଣ୍ୟକ ପର୍ବ" ଅଟନ୍ତି । ଏଥିରେ ମନ୍ତ୍ରସମୁହ 'ଛନ୍ଦ' ଓ 'ଦେବତା' ଅନୁସାରେ ସଂଗଠିତ ରହିଥାଏ ।
- **ଉତ୍ତରାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ "ମୁଖ୍ୟ ଯଜ୍ଞ" ସମୟରେ ପାଠ କରାଯାଏ, କିନ୍ତୁ ଏହା 'ପୂର୍ବାର୍ଚିକ' ସହିତ ସମ୍ପୂର୍ଣ୍ଣ ହୋଇଥାଏ । ଏଥିରେ ମନ୍ତ୍ରସମୁହ 'ମୁଖ୍ୟ ଯଜ୍ଞ'ର କ୍ରମ ଅନୁସାରେ ସଂଗଠିତ  ରହିଥାଏ ।
- **ଗାନ** - ପୂର୍ବାର୍ଚିକ ଓ ଉତ୍ତରାର୍ଚିକ ମନ୍ତ୍ର ବା ଋଚା ସମୁହ ସଂଗୀତ ରୂପରେ ଗାଇବାକୁ "ଗାନ" ବା "**ସାମଗାନ**" କୁହନ୍ତି ।
- **ଗ୍ରାମଗେୟ** - ଯେଉଁ ସ୍ତୁତିଗାନ ଜନସମୁହରେ ବା ଗ୍ରାମରେ ପାଠ କରାଯାଏ, ତଥା ଆଗ୍ନେୟ ଐନ୍ଦ୍ର, ଓ ପବମାନ ପର୍ବରେ, ଅଗ୍ନି, ଇନ୍ଦ୍ର, ଓ ସୋମଙ୍କ ସ୍ତୁତିଗାନ କରାଯାଏ, ତାହାକୁ "ଗ୍ରାମଗେୟ" କୁହନ୍ତି ।

Not For Commercial Use

- **ଆରଣ୍ୟକ ଗାନ** - ଯେଉଁ ସ୍ତୁତିଗାନ ଜଙ୍ଗଲ ବା ଅରଣ୍ୟରେ ପାଠ କରାଯାଏ, ତଥା ଅକ୍ର, ଦୁନ୍ଦୁ, ଶୁକ୍ରିୟ ଓ ମହାନାମ୍ନି ନାମକ ପର୍ବରେ ଯେଉଁ ସ୍ତୁତିଗାନ କରାଯାଏ, ତାହାକୁ "ଆରଣ୍ୟକ ଗାନ" ବା "ଅରଣ୍ୟଗେୟ" କୁହନ୍ତି ।
- **ଊହଗାନ** - ଯେଉଁ ମନ୍ତ୍ର ବା ଋଚା କୌଣସି ଶବ୍ଦ ନ କରି ଗାନ କରାଯାଏ, ତାହାକୁ "ଊହଗାନ" କୁହନ୍ତି ଓ ଏହା 'ଗ୍ରାମ୍ୟଗେୟ'ର ଅଂଶ ଅଟେ ।
- **ଊହ୍ୟଗାନ** - ଯେଉଁ ମନ୍ତ୍ର ବା ଋଚା ମନରେ ଗାନ କରାଯାଏ, ତାହାକୁ "ଊହ୍ୟଗାନ" କୁହନ୍ତି ଓ ଏହା 'ଅରଣ୍ୟଗାନ'ର ଅଂଶ ଅଟେ ।

ଅନ୍ୟ ବେଦମାନଙ୍କ ପରି, "ସାମବେଦ"ର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦସମୁହ ରହିଅଛି ।

## ସାମବେଦ ଶାଖା

ପତଞ୍ଜଳିଙ୍କ ମହାଭାଷ୍ୟ ଓ ପୁରାଣ ଅନୁସାରେ "ସାମବେଦ"ରେ ୧୦୦୦ଟି ଶାଖା ଥିଲା ବୋଲି କୁହାଯାଇଛି । '**ସାମତର୍ପଣ**' ଅବସର ସମୟରେ 'ସାମଗାନ' କରୁଥିବା ଆଚାର୍ଯ୍ୟମାନଙ୍କର ନାମ ଉଲ୍ଲେଖ ଅଛି, ସେମାନେ ହେଲେ, ରଣାୟନ, ସାତ୍ୟମୁଗ୍ରି-ବ୍ୟାସ, ଭାଗୁରି-ଔଲୁଣ୍ଡି, ଗୌଲମୁଲବି, ଭାନୁନାମ, ଔପମନ୍ୟବ, ଦାରାଳ, ଗାର୍ଗ୍ୟ, ସାବର୍ଣ୍ଣି, ବାର୍ଷଗଣି, କୁଥୁମି, ଶାଲିହୋତ୍ର, ଓ ଜୈମିନି । ସେମାନଙ୍କ ନାମରେ "ସାମବେଦ ଶାଖା" ଗୁଡିକ ଥିଲା । ସେମାନଙ୍କ ମଧ୍ୟରୁ ରଣାୟନ, କୁଥୁମି ଓ ଜୈମିନି ଆଚାର୍ଯ୍ୟଙ୍କ ନାମରେ ପ୍ରସିଦ୍ଧ **ରଣାୟନୀୟ, ଜୈମିନୀୟ** ଓ **କୌଥୁମୀୟ** ବା କୌଥୁମ ଶାଖା ଉପଲବ୍ଧ ଅଛି । ତେଣୁ କେବଳ **୩ଟି ଶାଖାର ଉଦ୍ଧାର** ହୋଇପାରିଛି ଓ ବାକି ୯୯୭ଟି ଶାଖା ସଂପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଇଛି ।

ଏହି ଶାଖା ମାନଙ୍କ ମଧ୍ୟରୁ "**ରାଣାୟଣୀୟ ଶାଖା**", ମହାରାଷ୍ଟ୍ର, କର୍ଣ୍ଣାଟକ, ତଥା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**କୌଥୁମ ଶାଖା**", ଗୁଜୁରାଟ, ଉତ୍ତରପ୍ରଦେଶ, ଓ ଓଡ଼ିଶା, ତଥା ବିହାରର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**ଜୈମିନୀୟ ଶାଖା**", କେରଳ ଓ ତାମିଲନାଡୁରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଛି ।

Not For Commercial Use

"ସାମବେଦ"ର ଶାଖାମାନଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ ମନ୍ତ୍ର ବା ଋଚା ବା ଅଧ୍ୟାୟ ବା ଖଣ୍ଡ ମାନଙ୍କର ପ୍ରବନ୍ଧନ କ୍ରମରେ ଅନ୍ତର ଅଟେ । ସେମାନଙ୍କ ମଧ୍ୟରେ 'ପାଠଭେଦ'ର ଅନ୍ତର ମଧ୍ୟ ମିଳେ । ଏହି ଉଦ୍ଧାରିତ ୩ଟି 'ସାମବେଦ ଶାଖା'ମାନଙ୍କର ମନ୍ତ୍ର ସଂଖ୍ୟା ଅଲଗା ଅଲଗା ଅଟେ । ବେଳେ ବେଳେ ଶଖାରେ ମନ୍ତ୍ରମାନଙ୍କର ବାରମ୍ବାର ବ୍ୟବହୃତ ହେତୁ, ସମୁଦାୟ ମନ୍ତ୍ର ସଂଖ୍ୟାର ପ୍ରଭେଦ ଦେଖାଯାଇଥାଏ । ତେଣୁ "ସାମବେଦ"ର ମନ୍ତ୍ର ସଂଖ୍ୟା ପ୍ରାୟ ୧୮୭୫ । ଏହି ମନ୍ତ୍ରମାନଙ୍କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, **ପୂର୍ବାର୍ଚିକ** ଓ **ଉତ୍ତରାର୍ଚିକ** ।

"ସାମବେଦ"ର **ବିଷୟବସ୍ତୁ**, ଅଧ୍ୟାୟ, ମନ୍ତ୍ର ସଂଖ୍ୟା, ଇତ୍ୟାଦି ତଳେ ଟେବୁଲରେ ଦିଆଯାଇଛି।

| ଭାଗ | ଅଧ୍ୟାୟ | ବିଷୟ | ମନ୍ତ୍ର ସଂଖ୍ୟା | ସାମଗାନ |
|---|---|---|---|---|
| ପୂର୍ବାର୍ଚିକ | ୧ମ | ଆଗ୍ନେୟ ପର୍ବ | ୬୪୦ | ଗ୍ରାମ ଗାନ |
| | ୨ୟ, ୩ୟ, ୪ର୍ଥ | ଐନ୍ଦ୍ର ପର୍ବ | | |
| | ୫ମ | ପବମାନ ପର୍ବ | | |
| | ୬ମ | ଆରଣ୍ୟକ ପର୍ବ | | ଅରଣ୍ୟ ଗାନ |
| ଉତ୍ତରାର୍ଚିକ | ୨୧ଟି | ଯଜମାନ ସମ୍ବୋଧନ, ସୋମ ସ୍ତୁତି, ଅଗ୍ନି ସ୍ତୁତି, ଇନ୍ଦ୍ର ସ୍ତୁତି | ୧୨୨୫ | |

## ସାମବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

"ସାମବେଦ"ରେ ଅନେକ ବ୍ରାହ୍ମଣ ଅଛି, କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ୧୩-୧୫ଟି ବ୍ରାହ୍ମଣ ଉପଲବ୍ଧ ଅଛି । ଏହି ଉପଲବ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ୧୦ଟି ବ୍ରାହ୍ମଣ ପ୍ରସିଦ୍ଧ ଓ ପ୍ରଚଳିତ । ସେମାନେ ହେଲେ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତାଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ ଓ ଜୈମିନୀୟୋପନିଷଦ । ଏମାନଙ୍କ ମଧ୍ୟରୁ **'ତାଣ୍ଡ୍ୟ ବ୍ରାହ୍ମଣ'** ସବୁଠୁ ବଡ଼ । ଏହି ବ୍ରାହ୍ମଣ ସମୁହ ବିଶେଷତଃ **'ଔଦଗ୍ରାତ କର୍ମ'**ର ପ୍ରତିପାଦନ କରିଥାଏ । ପ୍ରମୂଖତଃ, ଯଜ୍ଞର ସ୍ତୋତ୍ର ସମୁହକୁ ଗାନ କରିବା, 'ଔଦଗ୍ରାତ କର୍ମ' ଅଟେ । ଏହା କୁହାଯାଏ ଯେ, ଏହି ସାମଗାନର ଧ୍ୱନିରେ ଦେବତାମାନେ ଯଜ୍ଞଶାଳାରେ ନୃତ୍ୟ କରନ୍ତି ।

Not For Commercial Use

"ସାମବେଦ"ରେ ୨ଟି **ଆରଣ୍ୟକ** ଅଛି, ସେମାନେ ହେଲେ, ଜୈମିନୀୟ-ଉପନିଷଦ ଓ ଛାନ୍ଦୋଗ୍ୟ ।

"ସାମବେଦ"ରେ ୧୬ଟି **ଉପନିଷଦ** ଅଛି । ସେମାନଙ୍କ ମଧ୍ୟରୁ "**ଛାନ୍ଦୋଗ୍ୟୋପନିଷଦ**" ଓ "**କେନ ଉପନିଷଦ**" ମୁଖ୍ୟ ଉପନିଷଦ ଅଟନ୍ତି । 'ଛାନ୍ଦୋଗ୍ୟୋପନିଷଦ', ୮ ପ୍ରପାଠକ ବିଶିଷ୍ଟ ଗ୍ରନ୍ଥ ଅଟେ, ସେଥିମଧ୍ୟରୁ ପ୍ରଥମ ୫ଟି ପ୍ରପାଠକରେ, "**ଉଦ୍ଗୀଥ** " (ଓଁକାର) ଓ "ସାମଗାନ"ର ସୂକ୍ଷ୍ମ ବିବେଚନ ଉପଲବ୍ଧ ଅଛି, ଓ ଅନ୍ତିମ ୩ଟି ପ୍ରପାଠକରେ, 'ଅଧ୍ୟାତ୍ମବିଦ୍ୟା'ର ବର୍ଣ୍ଣନ ରହିଅଛି । ସେହିପରି "ସାମବେଦ"ର 'କେନ ଉପନିଷଦ'ରେ ମଧ୍ୟ ଦାର୍ଶନିକ ଓ ଦିବ୍ୟଜ୍ଞାନ ବିଷୟରେ ବର୍ଣ୍ଣନ କରାଯାଇଛି । ଏହି ଉପନିଷଦ ଅନୁସାରେ, "ତପ, ଦମ, ଓ କର୍ମ, ସତ୍ୟପ୍ରାପ୍ତିର ମୂଳଦୁଆ ଅଟେ" ।

"ସାମବେଦ"ର **କଳ୍ପସୂତ୍ର**ମାନଙ୍କ ମଧ୍ୟରେ, ୩ଟି "ଶ୍ରୌତ୍ରସୂତ୍ର", ୪ଟି "ଗୃହ୍ୟସୂତ୍ର" ଓ ଗୋଟିଏ "ବ୍ରହ୍ମସୂତ୍ର" ରହିଅଛି । ଶ୍ରୌତ୍ରସୂତ୍ରମାନଙ୍କ ମଧ୍ୟରୁ '**ଲାଟ୍ୟାୟନ**' ଓ '**ଦ୍ରାହ୍ୟାୟନ**' ପ୍ରସିଦ୍ଧ ଓ ପ୍ରଚଳିତ, ସେହିପରି ଗୃହ୍ୟସୂତ୍ର ମାନଙ୍କ ମଧ୍ୟରୁ '**ଗୋଭିଲ**' ଓ '**ଖାଦିର**' ପ୍ରସିଦ୍ଧ ଓ ପ୍ରଚଳିତ ।
ସେହିପରି "ସାମବେଦ"ରେ 'ସାମଗାନ'ର ପଦପାଠ ଓ ସ୍ତୋଭଂର ସ୍ୱରୂପ ନିରୂପଣ ୩ଟି "**ପ୍ରାତିଶାଖ୍ୟ**" ଗ୍ରନ୍ଥରୁ ମିଳିଥାଏ । ସେଥି ମଧ୍ୟରୁ '**ନାରଦୀୟ ପ୍ରାତିଶାଖ୍ୟ**' ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଏହି ପ୍ରାତିଶାଖ୍ୟରେ 'ସାମଗାନ'ର ୭ଟି ସ୍ୱର, ୩ଟି ଗ୍ରାମ, ୨୧ଟି ମୂର୍ଚ୍ଛନା, ଓ ୪୯ଟି ତାନ, ବିଷୟରେ ବ୍ୟାଖ୍ୟା କରାଯାଇଛି । ଏହା ଆଧୁନିକ ସଂଗୀତର ମୂଳଦୁଆ ଅଟେ ।

ସେହିପରି "ସାମବେଦ"ର "**ଶିକ୍ଷା**" ଗ୍ରନ୍ଥରୁ 'ସାମଗାନ'ର ବର୍ଣ୍ଣ, ସ୍ୱର, ଛନ୍ଦ, ଓ ସନ୍ଧି ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏମାନଙ୍କ ମଧ୍ୟରୁ 'ସାମତନ୍ତ୍ର', 'ଅକ୍ଷରତନ୍ତ୍ର', ଓ 'ପୁଷ୍ପତନ୍ତ୍ର' ଶିକ୍ଷାଗ୍ରନ୍ଥ ସମୁହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

"ସାମବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ଓ ଅନ୍ୟ ଗ୍ରନ୍ଥ ମାନଙ୍କର ତାଳିକା ତଳେ ଦିଆଯାଇଛି ।

Not For Commercial Use

## ସାମବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ସାମବେଦ | କୌଥୁମ, ରାଣାୟନୀୟ, ଜୈମିନୀୟ | କୌଥୁମ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍-ଭୁତ, ମନ୍ତ୍ର | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ଯୋଗଚୂଡାମଣି, ଦର୍ଶନ |

## ସାମବେଦ କଲ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ସାମବେଦ | ଲାଟ୍ୟାୟନ ଶ୍ରୌତସୂତ୍ର, ଦ୍ରାହ୍ୟାୟନ ଶ୍ରୌତସୂତ୍ର, ଜୈମିନୀୟ ଶ୍ରୌତସୂତ୍ର, | | ଗୋଭିଲ ଗୃହ୍ୟସୂତ୍ର, ଖାଦିର ଗୃହ୍ୟସୂତ୍ର, ଜୈମିନୀୟ ଗୃହ୍ୟସୂତ୍ର, କୌଥୁମ ଗୃହ୍ୟସୂତ୍ର, | ଗୌତମ ଧର୍ମସୂତ୍ର, |

## ସାମବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ସାମ ବେଦ | ଋକ୍ ତନ୍ତ୍ର ପ୍ରାତିଶାଖ୍ୟ<br>ସାମ ତନ୍ତ୍ର ପ୍ରାତିଶାଖ୍ୟ<br>ଅକ୍ଷର ତନ୍ତ୍ର ପ୍ରାତିଶାଖ୍ୟ<br>ପୁଷ୍ପ ତନ୍ତ୍ର ପ୍ରାତିଶାଖ୍ୟ | ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା |

Not For Commercial Use

## ସମବେଦ ପାଣ୍ଡୁଲିପି ଓ ଅନୁବାଦ

"ସାମବେଦ"ର ପାଣ୍ଡୁଲିପି ସମୁହ '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, '**ରାଜସ୍ଥାନ**'ର ଅଲବର'ର ରାଜକୀୟ ଗ୍ରନ୍ଥାଳୟରେ, **ଉତ୍ତରପ୍ରଦେଶ** (IGNCA), ଓ **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍  ରେ ରହିଅଛି । ଏବେବି ଜୈମିନୀୟ ଶାଖାର କିଛି ଅଂଶ ପ୍ରକାଶ ହୋଇପାରିନାହିଁ । କିଛି ପାଣ୍ଡୁଲିପି କାଶ୍ମିରୀ'ରେ ମିଳିବାର ସୂଚନା ପ୍ରାପ୍ତ ହୋଇଛି ।

"ସାମବେଦ"ର ଅନୁବାଦ ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଜର୍ମାନୀ ଭାଷାରେ ୧୮୪୮ ମସିହାରେ ହୋଇଥିଲା । ରୁଷି ଭାଷାରେ ୧୮୭୫ ମସିହାରେ ହୋଇଥିଲା । ଇଂରାଜୀ ଭାଷାରେ ୧୮୯୩ ମସିହାରେ ହୋଇଥିଲା । ନେପାଳି ଭାଷାରେ ମଧ୍ୟ ଅନୁବାଦ ହୋଇଅଛି । ସେହିପରି ଭାରତୀୟ ଭାଷା ମାନଙ୍କ ମଧ୍ୟରେ, ସଂସ୍କୃତ, ହିନ୍ଦି, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟଲମ ଭାଷାରେ ସାମବେଦର ଅନୁବାଦ ଉପଲବ୍ଧ ଅଛି ।

**|| ଇତି ସାମବେଦ ||**

Not For Commercial Use

**ପୂର୍ବାର୍ଚିକଃ** (ଛନ୍ଦ ଆର୍ଚିକଃ)

# ଚତୁର୍ଥ ଅଧ୍ୟାୟ

Not For Commercial Use

## ଓଁ ଶ୍ରୀ ଗଣେଶାୟ ନମଃ

# ସାମବେଦ - କୌଥୁମ ସଂହିତା

## ପୂର୍ବାର୍ଚିକଃ (ଛନ୍ଦ ଆର୍ଚିକଃ)

## ଅଥ ଐନ୍ଦ୍ରଂ କାଣ୍ଡମ୍

## || ଅଥ ଚତୁର୍ଥୋଽଧ୍ୟାୟଃ ||

### [ ଅଥ ଚତୁର୍ଥ ପ୍ରପାଠକଃ | ଦ୍ୱିତୀୟୋଽର୍ଧଃ ] (କ୍ରମଶଃ)

==================================================================

**(୧-୪-୨-୦୭)** [୧-୮] **ଋଷିଃ** - ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୧), ବାମଦେବୋ ଗୌତମଃ ଶାକପୂତୋ ବା (୨), ପ୍ରିୟମେଧ ଆଙ୍ଗିରସଃ (୩), ପ୍ରଗାଥଃ କାଣ୍ୱଃ (୪), ଶ୍ୟାବାଶ୍ୱ ଆତ୍ରେୟଃ (୫), ଶଂୟୁର୍ବାର୍ହସ୍ପତ୍ୟଃ (୬), ବାମଦେବୋ ଗୌତମଃ (୭), ଜେତା ମାଧୁଚ୍ଛନ୍ଦସଃ (୮) |
**ଛନ୍ଦ** - ଅନୁଷ୍ଟୁପ୍ (୧-୮) | **ଦେବତା** - ଇନ୍ଦ୍ରଃ (୧-୪, ୬, ୮), ମରୁତଃ (୫), ଦଧିକ୍ରା ବା (୭)

==================================================================

ପ୍ରତ୍ୟସ୍ମୈ ପିପୀଷତେ ବିଶ୍ୱାନି ବିଦୁଷେ ଭର |
ଅରଙ୍ଗମାୟ ଜଗ୍ମୟେଽପଶ୍ଚାଦଧ୍ୱନେ ନରଃ || ୧ ||

ଆ ନୋ ବୟୋ ବୟଃଶୟଂ ମହାନ୍ତଂ ଗହ୍ୱରେଷ୍ଠାଂ ମହାନ୍ତଂ ପୂର୍ବିନେଷ୍ଠାମ୍ |
ଉଗ୍ରଂ ବଚୋ ଅପାବଧୀଃ || ୨ ||

ଆ ତ୍ୱା ରଥଂ ୟଥୋତୟେ ସୁମ୍ନାୟ ବର୍ତୟାମସି |
ତୁବିକୂର୍ମିମୃତୀଷହମିନ୍ଦ୍ରଂ ଶବିଷ୍ଠ ସତ୍ପତିମ୍ || ୩ ||

ସ ପୂର୍ବ୍ୟୋ ମହୋନାଂ ବେନଃ କ୍ରତୁଭିରାନଜେ |
ୟସ୍ୟ ଦ୍ୱାରା ମନୁଃ ପିତା ଦେବେଷୁ ଧିୟ ଆନଜେ || ୪ ||

Not For Commercial Use

ୟଦୀ ବହନ୍ତ୍ୟାଶବୋ ଭ୍ରାଜମାନା ରଥେଷ୍ୱା |
ପିବନ୍ତୋ ମଦିରଂ ମଧୁ ତତ୍ର ଶ୍ରବାଂସି କୃଣ୍ୱତେ || ୫ ||

ତ୍ୟମୁ ବୋ ଅପ୍ରହଣଂ ଗୃଣୀଷେ ଶବସସ୍ପତିମ୍ |
ଇନ୍ଦ୍ରଂ ବିଶ୍ୱାସାହଂ ନରଂ ଶଚିଷ୍ଠଂ ବିଶ୍ୱବେଦସମ୍ || ୬ ||

ଦଧିକ୍ରାବ୍-ଣୋ ଅକାରିଷଂ ଜିଷ୍ଣୋରଶ୍ୱସ୍ୟ ବାଜିନଃ |
ସୁରଭି ନୋ ମୁଖା କରତ୍-ପ୍ର ନ ଆୟୂଂଷି ତାରିଷତ୍ || ୭ ||

ପୁରାଂ ଭିନ୍ଦୁର୍ୟୁବା କବିରମିତୌଜା ଅଜାୟତ |
ଇନ୍ଦ୍ରୋ ବିଶ୍ୱସ୍ୟ କର୍ମଣୋ ଧର୍ତ୍ତା ବଜ୍ରୀ ପୁରୁଷ୍ଟୁତଃ || ୮ || (୩୫୯)

**|| ଇତି ସପ୍ତମୀ ଦଶତିଃ (୭) | ପ୍ରଥମଃ ଖଣ୍ଡଃ (୧) ||**

==========================================================

**(୧-୪-୨-୦୮)** [୧-୧୦] **ଋଷିଃ** - ପ୍ରିୟମେଧ ଆଙ୍ଗିରସଃ (୧, ୩, ୫), ବାମଦେବୋ ଗୌତମଃ (୨, ୧୦), ମଧୁଚ୍ଛନ୍ଦା ବୈଶ୍ୱାମିତ୍ରଃ (୪), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୬), ଅତ୍ରିର୍ଭୌମଃ (୭), ପ୍ରସ୍କଣ୍ୱଃ କାଣ୍ୱଃ (୮), ତ୍ରିତ ଆପ୍ତ୍ୟଃ (୯) |

**ଛନ୍ଦ** - ଅନୁଷ୍ଟୁପ୍ (୧-୧୦) | **ଦେବତା** - ଇନ୍ଦ୍ରଃ (୧-୭, ୧୦), ଉଷାଃ (୮), ବିଶ୍ୱେଦେବାଃ (୯)

==========================================================

ପ୍ରପ୍ର ବସ୍ତ୍ରିଷ୍ଟୁଭମିଷଂ ବନ୍ଦଦ୍ୱୀରାୟେନ୍ଦବେ |
ଧିୟା ବୋ ମେଧସାତୟେ ପୁରନ୍ଧ୍ୟା ବିବାସତି || ୧ ||

କଶ୍ୟପସ୍ୟ ସ୍ୱର୍ବିଦୋ ୟାବାହୁଃ ସୟୁଜାବିତି |
ୟୟୋର୍ବିଶ୍ୱମପି ବ୍ରତଂ ୟଜ୍ଞଂ ଧୀରା ନିଚାୟ୍ୟ || ୨ ||

Not For Commercial Use

ଅର୍ଚତ ପ୍ରାର୍ଚତା ନରଃ ପ୍ରିୟମେଧାସୋ ଅର୍ଚତ |
ଅର୍ଚନ୍ତୁ ପୁତ୍ରକା ଉତ ପୁରମିଦ୍ଧୃଷ୍ଣ୍ୱର୍ଚତ || ୩ ||

ଉକ୍ଥମିନ୍ଦ୍ରାୟ ଶଂସ୍ୟଂ ବର୍ଧନଂ ପୁରୁନିଃଷିଧେ |
ଶକ୍ରୋ ୟଥା ସୁତେଷୁ ନୋ ରାରଣତ୍ସଖ୍ୟେଷୁ ଚ || ୪ ||

ବିଶ୍ୱାନରସ୍ୟ ବସ୍ପତିମନାନତସ୍ୟ ଶବସଃ |
ଏବୈଶ୍ଚ ଚର୍ଷଣୀନାମୂତୀ ହୁବେ ରଥାନାମ୍ || ୫ ||

ସ ଘା ୟସ୍ତେ ଦିବୋ ନରୋ ଧିୟା ମର୍ତସ୍ୟ ଶମତଃ |
ଊତୀ ସ ବୃହତୋ ଦିବୋ ଦ୍ୱିଷୋ ଅଂହୋ ନ ତରତି || ୬ ||

ବିଭୋଷ୍ଟ ଇନ୍ଦ୍ର ରାଧସୋ ବିଭ୍ୱୀ ରାତିଃ ଶତକ୍ରତୋ |
ଅଥା ନୋ ବିଶ୍ୱଚର୍ଷଣେ ଦ୍ୟୁମ୍ନଂ ସୁଦତ୍ର ମଂହୟ || ୭ ||

ବୟଶ୍ଚିତ୍ତେ ପତତ୍ରିଣୋ ଦ୍ୱିପାଚ୍ଚତୁଷ୍ପାଦର୍ଜୁନି |
ଉଷଃ ପ୍ରାରନ୍ନୃତୂଂରନୁ ଦିବୋ ଅନ୍ତେଭ୍ୟସ୍ପରି || ୮ ||

ଅମୀ ୟେ ଦେବା ସ୍ଥନ ମଧ୍ୟ ଆ ରୋଚନେ ଦିବଃ |
କଦ୍ୱ ଋତଂ କଦମୃତଂ କା ପ୍ରତ୍ନା ବ ଆହୁତିଃ || ୯ ||

ଋଚଂ ସାମ ୟଜାମହେ ୟାଭ୍ୟାଂ କର୍ମାଣି କୃଣ୍ୱତେ |
ବି ତେ ସଦସି ରାଜତୋ ୟଜ୍ଞଂ ଦେବେଷୁ ବକ୍ଷତଃ || ୧୦ || (୩୬୯)

**|| ଇତି ଅଷ୍ଟମୀ ଦଶତିଃ (୮) | ଦ୍ୱିତୀୟଃ ଖଣ୍ଡଃ (୨) ||**

**|| ଇତ୍ୟନୁଷ୍ଟୁପ୍ ||**

Not For Commercial Use

================================================================

**(୧-୪-୨-୦୯)** [୧-୧୧] **ଋଷିଃ** - ରେଭଃ କାଶ୍ୟପଃ (୧), ସୁବେଦାଃ ଶୈଲୂଷିଃ (୨), ବାମଦେବୋ ଗୌତମଃ (୩), ସବ୍ୟ ଆଙ୍ଗିରସଃ (୪, ୭, ୮) ବିଶ୍ୱାମିତ୍ରୋ ଗାଥିନଃ (୫), କୃଷ୍ଣ ଆଙ୍ଗିରସଃ (୬), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୯), ମେଧାତିଥିଃ କାଣ୍ୱଃ (୧୦), କୁତ୍ସ ଆଙ୍ଗିରସଃ (୧୧) | **ଛନ୍ଦ** - ଜଗତୀ (୨-୯, ୧୧), ଅତିଜଗତୀ (୧), ମହାପଙ୍କ୍ତିଃ (୧୦) | **ଦେବତା** - ଇନ୍ଦ୍ରଃ (୧-୮, ୧୦-୧୧), ଦ୍ୟାବାପୃଥିବୀ (୯)

================================================================

ବିଶ୍ୱାଃ ପୃତନା ଅଭିଭୂତରଂ ନରଃ ସଜୂସ୍ତତକ୍ଷୁରିନ୍ଦ୍ରଂ ଜଜନୁଶ୍ଚ ରାଜସେ |
କ୍ରତ୍ୱେ ବରେ ସ୍ଥେମନ୍ୟାମୁରୀମୁତୋଗ୍ରମୋଜିଷ୍ଠଂ ତରସଂ ତରସ୍ୱିନମ୍ || ୧ ||

ଶ୍ରତ୍ତେ ଦଧାମି ପ୍ରଥମାୟ ମନ୍ୟବେଽହନ୍ୟଦ୍ଦସ୍ୟୁଂ ନର୍ୟଂ ବିବେରପଃ |
ଉଭେ ୟତ୍ୱା ରୋଦସୀ ଧାବତାମନୁ ଭ୍ୟସାତ୍ତେ ଶୁଷ୍ମାତ୍-ପୃଥିବୀ ଚିଦଦ୍ରିବଃ || ୨ ||

ସମେତ ବିଶ୍ୱା ଓଜସା ପତିଂ ଦିବୋ ୟ ଏକ ଇଦ୍-ଭୂରତିଥିର୍ଜନାନାମ୍ |
ସ ପୂର୍ବ୍ୟୋ ନୂତନମାଜିଗୀଷଂ ତଂ ବର୍ତ୍ତନୀରନୁ ବାବୃତ ଏକ ଇତ୍ || ୩ ||

ଇମେ ତ ଇନ୍ଦ୍ର ତେ ବୟଂ ପୁରୁଷ୍ଟୁତ ୟେ ତ୍ୱାରଭ୍ୟ ଚରାମସି ପ୍ରଭୂବସୋ |
ନ ହି ତ୍ୱଦନ୍ୟୋ ଗିର୍ବଣୋ ଗିରଃ ସଘତ୍କ୍ଷୋଣୀରିବ ପ୍ରତି ତଦ୍ଧର୍ୟ ନୋ ବଚଃ || ୪ ||

ଚର୍ଷଣୀଧୃତଂ ମଘବାନମୁକ୍ଥ୍ୟାଣମିନ୍ଦ୍ରଂ ଗିରୋ ବୃହତୀରଭ୍ୟନୂଷତ |
ବାବୃଧାନଂ ପୁରୁହୂତଂ ସୁବୃକ୍ତିଭିରମର୍ତ୍ୟଂ ଜରମାଣଂ ଦିବେଦିବେ || ୫ ||

ଅଚ୍ଛା ବ ଇନ୍ଦ୍ରଂ ମତୟଃ ସ୍ୱର୍ୟୁବଃ ସଧ୍ରୀଚୀର୍ବିଶ୍ୱା ଉଶତୀରନୂଷତ |
ପରି ଷ୍ୱଜନ୍ତ ଜନୟୋ ୟଥା ପତିଂ ମର୍ୟଂ ନ ଶୁନ୍ଧ୍ୟୁଂ ମଘବାନମୂତୟେ || ୬ ||

ଅଭି ତ୍ୟଂ ମେଷଂ ପୁରୁହୂତମୃଗ୍ମିୟମିନ୍ଦ୍ରଂ ଗୀର୍ଭିର୍ମଦତା ବସ୍ୱୋ ଅର୍ଣ୍ଣବମ୍ |
ୟସ୍ୟ ଦ୍ୟାବୋ ନ ବିଚରନ୍ତି ମାନୁଷଂ ଭୁଜେ ମଂହିଷ୍ଠମଭି ବିପ୍ରମର୍ଚତ || ୭ ||

ତ୍ୟං ସୁ ମେଷଂ ମହୟା ସ୍ୱର୍ବିଦଂ ଶତଂ ୟସ୍ୟ ସୁଭୁବଃ ସାକମୀରତେ |
ଅତ୍ୟଂ ନ ବାଜଂ ହବନସ୍ୟଦଂ ରଥମେନ୍ଦ୍ରଂ ବବୃତ୍ୟାମବସେ ସୁବୃକ୍ତିଭିଃ || ୮ ||

ଘୃତବତୀ ଭୁବନାନାମଭିଶ୍ରିୟୋର୍ବୀ ପୃଥ୍ୱୀ ମଧୁଦୁଘେ ସୁପେଶସା |
ଦ୍ୟାବାପୃଥିବୀ ବରୁଣସ୍ୟ ଧର୍ମଣା ବିଷ୍କଭିତେ ଅଜରେ ଭୂରିରେତସା || ୯ ||

ଉଭେ ୟଦିନ୍ଦ୍ର ରୋଦସୀ ଆପପ୍ରାଥୋଷା ଇବ |
ମହାନ୍ତଂ ତ୍ୱା ମହୀନାଂ ସମ୍ରାଜଂ ଚର୍ଷଣୀନାମ୍ |
ଦେବୀ ଜନିତ୍ର୍ୟଜୀଜନଦ୍-ଭଦ୍ରା ଜନିତ୍ର୍ୟଜୀଜନତ୍ || ୧୦ ||

ପ୍ର ମନ୍ଦିନେ ପିତୁମଦର୍ଚତା ବଚୋ ୟଃ କୃଷ୍ଣଗର୍ଭା ନିରହନ୍ନୃଜିଶ୍ୱନା |
ଅବସ୍ୟବୋ ବୃଷଣଂ ବଜ୍ରଦକ୍ଷିଣଂ ମରୁତ୍ୱନ୍ତଂ ସଖ୍ୟାୟ ହୁବେମହି || ୧୧ || (୩୮୦)

**|| ଇତି ନବମୀ ଦଶତିଃ (୯) | ତୃତୀୟଃ ଖଣ୍ଡଃ (୩) ||**

**|| ଇତି ଜଗତ୍ୟଃ ||**

==========================================================

**(୧-୪-୨-୧୦)** [୧-୧୦] **ଋଷିଃ** - ନାରଦଃ କାଣ୍ୱଃ (୧), ଗୋଷୂକ୍ତ୍ୟଶ୍ୱସୂକ୍ତିନୌ କାଣ୍ୱାୟନୌ (୨, ୩), ପର୍ବତଃ କାଣ୍ୱଃ (୪), ବିଶ୍ୱମନା ବୈୟଶ୍ୱଃ (୫-୭, ୧୦) ନୃମେଧ ଆଙ୍ଗିରସଃ (୮), ଗୋତମୋ ରାହୂଗଣ (୯) | **ଛନ୍ଦ** - ଉଷ୍ଣିକ୍ (୧-୧୦) | **ଦେବତା** - ଇନ୍ଦ୍ରଃ (୧-୧୦)

==========================================================

ଇନ୍ଦ୍ର ସୁତେଷୁ ସୋମେଷୁ କ୍ରତୁଂ ପୁନୀଷ ଉକ୍ଥ୍ୟମ୍ |
ବିଦେ ବୃଧସ୍ୟ ଦକ୍ଷସ୍ୟ ମହାଂ ହି ଷଃ || ୧ ||

ତମୁ ଅଭି ପ୍ର ଗାୟତ ପୁରୁହୂତଂ ପୁରୁଷ୍ଟୁତମ୍ |
ଇନ୍ଦ୍ରଂ ଗୀର୍ଭିସ୍ତବିଷମା ବିବାସତ || ୨ ||

ତଂ ତେ ମଦଂ ଗୃଣୀମସି ବୃଷଣଂ ପୃକ୍ଷୁ ସାସହିମ୍ |
ଉ ଲୋକକୃତ୍ନୁମଦ୍ରିବୋ ହରିଶ୍ରିୟମ୍ || ୩ ||

ୟତ୍ସୋମମିନ୍ଦ୍ର ବିଷ୍ଣବି ୟଦ୍ବା ଘ ତ୍ରିତ ଆପ୍ତ୍ୟେ |
ୟଦ୍ବା ମରୁତ୍ସୁ ମନ୍ଦସେ ସମିନ୍ଦୁଭିଃ || ୪ ||

ଏଦୁ ମଧୋର୍ମଦିନ୍ତରଂ ସିଞ୍ଚାଧ୍ୱର୍ୟୋ ଅନ୍ଧସଃ |
ଏବା ହି ବୀରସ୍ତବତେ ସଦାବୃଧଃ || ୫ ||

ଏନ୍ଦୁମିନ୍ଦ୍ରାୟ ସିଞ୍ଚତ ପିବାତି ସୋମ୍ୟଂ ମଧୁ |
ପ୍ର ରାଧାଂସି ଚୋଦୟତେ ମହିତ୍ୱନା || ୬ ||

ଏତୋ ନ୍ୱିନ୍ଦ୍ରଂ ସ୍ତବାମ ସଖାୟଃ ସ୍ତୋମ୍ୟଂ ନରମ୍ |
କୃଷ୍ଟୀର୍ୟୋ ବିଶ୍ୱା ଅଭ୍ୟସ୍ତ୍ୟେକ ଇତ୍ || ୭ ||

ଇନ୍ଦ୍ରାୟ ସାମ ଗାୟତ ବିପ୍ରାୟ ବୃହତେ ବୃହତ୍ |
ବ୍ରହ୍ମକୃତେ ବିପଶ୍ଚିତେ ପନସ୍ୟବେ || ୮ ||

ୟ ଏକ ଇଦ୍ୱିଦୟତେ ବସୁ ମର୍ତାୟ ଦାଶୁଷେ |
ଈଶାନୋ ଅପ୍ରତିଷ୍କୁତ ଇନ୍ଦ୍ରୋ ଅଙ୍ଗ || ୯ ||

ସଖାୟ ଆ ଶିଷାମହେ ବ୍ରହ୍ମେନ୍ଦ୍ରାୟ ବଜ୍ରିଣେ |
ସ୍ତୁଷ ଊ ଷୁ ବୋ ନୃତମାୟ ଧୃଷ୍ଣବେ || ୧୦ || (୩୯୦)

**|| ଇତି ଦଶମୀ ଦଶତିଃ (୧୦) | ଚତୁର୍ଥଃ ଖଣ୍ଡଃ (୪) ||**

## || ଇତି ଚତୁର୍ଥ ପ୍ରପାଠକେ ଦ୍ୱିତୀୟୋଽର୍ଧଃ ||

# || ଚତୁର୍ଥଃ ପ୍ରପାଠକଃ ସମାପ୍ତମ୍ ||

Not For Commercial Use

# || ଅଥ ପଞ୍ଚମଃ ପ୍ରପାଠକଃ ||

## [ ଅଥ ପଞ୍ଚମ ପ୍ରପାଠକଃ | ପ୍ରଥମୋଽର୍ଧଃ ]

==========================================================

**(୧-୫-୧-୦୧)** [୧-୮] **ଋଷିଃ** - ପ୍ରଗାଥୋ ଘୌରଃ କାଣ୍ୱଃ (୧), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୨), ନୃମେଧ ଆଙ୍ଗିରସଃ (୩), ପର୍ବତଃ କାଣ୍ୱଃ (୪), ଇରିମ୍ବିଠିଃ କାଣ୍ୱଃ (୫, ୭), ବିଶ୍ୱମନା ବୈୟଶ୍ୱଃ (୬) ବସିଷ୍ଠୋ ମୈତ୍ରାବରୁଣିଃ (୮) | **ଛନ୍ଦ** - ଉଷ୍ଣିକ୍ (୧-୭), ବିରାଟ୍ ଉଷ୍ଣିକ୍ (୮) | **ଦେବତା** - ଇନ୍ଦ୍ରଃ (୧-୪, ୬, ୮), ଆଦିତ୍ୟାଃ (୫, ୭)

==========================================================

ଗୃଣେ ତଦିନ୍ଦ୍ର ତେ ଶବ ଉପମାଂ ଦେବତାତୟେ |
ୟଦ୍ଧଂସି ବୃତ୍ରମୋଜସା ଶଚୀପତେ || ୧ ||

ୟସ୍ୟ ତ୍ୟଚ୍ଛମ୍ବରଂ ମଦେ ଦିବୋଦାସାୟ ରନ୍ଧୟନ୍ |
ଅୟଂ ସ ସୋମ ଇନ୍ଦ୍ର ତେ ସୁତଃ ପିବ || ୨ ||

ଏନ୍ଦ୍ର ନୋ ଗଧି ପ୍ରିୟ ସତ୍ରାଜିଦଗୋହ୍ୟ |
ଗିରିର୍ନ ବିଶ୍ୱତଃ ପୃଥୁଃ ପତିର୍ଦିବଃ || ୩ ||

ୟ ଇନ୍ଦ୍ର ସୋମପାତମୋ ମଦଃ ଶବିଷ୍ଠ ଚେତତି |
ୟେନା ହଂସି ନ୍ୟାତ୍ରିଣଂ ତମୀମହେ || ୪ ||

ତୁଚେ ତୁନାୟ ତତ୍ସୁ ନୋ ଦ୍ରାଧୀୟ ଆୟୁର୍ଜୀବସେ |
ଆଦିତ୍ୟାସଃ ସମହସଃ କୃଣୋତନ || ୫ ||

ବେତ୍ଥା ହି ନିରୃତୀନାଂ ବଜ୍ରହସ୍ତ ପରିବୃଜମ୍ |
ଅହରହଃ ଶୁନ୍ଧ୍ୟୁଃ ପରିପଦାମିବ || ୬ ||

Not For Commercial Use

ଅପାମୀବାମପ ସ୍ତ୍ରିଧମପ ସେଧତ ଦୁର୍ମତିମ୍ |
ଆଦିତ୍ୟାସୋ ୟୁୟୋତନା ନୋ ଅଂହସଃ || ୭ ||

ପିବା ସୋମମିନ୍ଦ୍ର ମନ୍ଦତୁ ତ୍ୱା ୟଂ ତେ ସୁଷାବ ହର୍ୟ୍ଯଶ୍ୱାଦ୍ରିଃ |
ସୋତୁର୍ବାହୁଭ୍ୟାଂ ସୁୟତୋ ନାର୍ବା || ୮ || (୩୯୮)

**|| ଇତି ପ୍ରଥମା ଦଶତିଃ (୧) | ପଞ୍ଚମଃ ଖଣ୍ଡଃ (୫) ||**

**|| ଇତ୍ୟୁଷ୍ଣିହଃ ||**

==========================================================

**(୧-୫-୧-୦୨)** [୧-୧୦] **ଋଷିଃ** - ସୌଭରିଃ କାଣ୍ୱଃ (୧-୬, ୯-୧୦), ନୃମେଧ ଆଙ୍ଗିରସଃ (୭, ୮) |
**ଛନ୍ଦ** - କକୁପ୍ (୧-୧୦) | **ଦେବତା** - ଇନ୍ଦ୍ରଃ (୧-୨, ୪-୫, ୭-୧୦), ମରୁତଃ (୩, ୬)

==========================================================

ଅଭ୍ରାତୃବ୍ୟୋ ଅନା ତ୍ୱମନାପିରିନ୍ଦ୍ର ଜନୁଷା ସନାଦସି |
ୟୁଧେଦାପିତ୍ୱମିଚ୍ଛସେ || ୧ ||

ୟୋ ନ ଇଦମିଦଂ ପୁରା ପ୍ର ବସ୍ୟ ଆନିନାୟ ତମୁ ବ ସ୍ତୁଷେ |
ସଖାୟ ଇନ୍ଦ୍ରମୂତୟେ || ୨ ||

ଆ ଗନ୍ତା ମା ରିଷଣ୍ୟତ ପ୍ରସ୍ଥାବାନୋ ମାପ ସ୍ଥାତ ସମନ୍ୟବଃ |
ଦୃଢା ଚିଦ୍ୟମୟିଷ୍ଣବଃ || ୩ ||

ଆ ୟାହ୍ୟୟମିନ୍ଦବେଽଶ୍ୱପତେ ଗୋପତ ଉର୍ବରାପତେ |
ସୋମଂ ସୋମପତେ ପିବ || ୪ ||



Not For Commercial Use

ତ୍ୱୟ୍ୟା ହ ସ୍ୱିଦ୍ୟୁଜା ବୟଂ ପ୍ରତି ଶ୍ୱସନ୍ତଂ ବୃଷଭ ବ୍ରୁବୀମହି |
ସଂସ୍ଥେ ଜନସ୍ୟ ଗୋମତଃ || ୫ ||

ଗାବଶ୍ଚିଦ୍ଧା ସମନ୍ୟବଃ ସଜାତ୍ୟେନ ମରୁତଃ ସବନ୍ଧବଃ |
ରିହତେ କକୁଭୋ ମିଥଃ || ୬ ||

ତ୍ୱଂ ନ ଇନ୍ଦ୍ରା ଭର ଓଜୋ ନୃମ୍ଣଂ ଶତକ୍ରତୋ ବିଚର୍ଷଣେ |
ଆ ବୀରଂ ପୃତନାସହମ୍ || ୭ ||

ଅଧା ହୀନ୍ଦ୍ର ଗିର୍ବଣ ଉପ ତ୍ୱା କାମ ଇମହେ ସସୃଗ୍ମହେ |
ଉଦେବ ଗ୍ମନ୍ତ ଉଦଭିଃ || ୮ ||

ସୀଦନ୍ତସ୍ତେ ବୟୋ ୟଥା ଗୋଶ୍ରୀତେ ମଧୌ ମଦିରେ ବିବକ୍ଷଣେ |
ଅଭି ତ୍ୱାମିନ୍ଦ୍ର ନୋନୁମଃ || ୯ ||

ବୟମୁ ତ୍ୱାମପୂର୍ବ୍ୟ ସ୍ଥୂରଂ ନ କଚ୍ଚିଦ୍ଭରନ୍ତୋଽବସ୍ୟବଃ |
ବଜ୍ରିଞ୍ଚିତ୍ରଂ ହବାମହେ || ୧୦ || (୪୦୮)

**|| ଇତି ଦ୍ୱିତୀୟା ଦଶତିଃ (୨) | ଷଷ୍ଠଃ ଖଣ୍ଡଃ (୬) ||**

**|| ଇତି କକୁଭଃ ||**

==========================================================

**(୧-୫-୧-୦୩)** [୧-୧୦] **ଋଷିଃ** - ଗୋତମୋ ରାହୂଗଣଃ (୧-୮), ତ୍ରିତଃ ଆପ୍ତ୍ୟଃ (୯), ଅବସ୍ୟୁରାତ୍ରେୟଃ (୧୦) |
**ଛନ୍ଦ** - ପଙ୍କ୍ତିଃ (୧-୧୦) | **ଦେବତା** - ଇନ୍ଦ୍ରଃ (୧-୮), ବିଶ୍ୱେଦେବାଃ (୯), ଆଶ୍ୱିନୌ (୧୦)

==========================================================

ସ୍ୱାଦୋରିତ୍ଥା ବିଷୂବତୋ ମଧୋଃ ପିବନ୍ତି ଗୌର୍ୟଃ |
ୟା ଇନ୍ଦ୍ରେଣ ସୟାବରୀର୍ବୃଷ୍ଣା ମଦନ୍ତି ଶୋଭଥା ବସ୍ୱୀରନୁ ସ୍ୱରାଜ୍ୟମ୍ || ୧ ||

Not For Commercial Use

ଇତ୍ଥା ହି ସୋମ ଇନ୍ମଦୋ ବ୍ରହ୍ମ ଚକାର ବର୍ଧନମ୍ |
ଶବିଷ୍ଠ ବଜ୍ରିନ୍ନୋଜସା ପୃଥିବ୍ୟା ନିଃ ଶଶା ଅହିମର୍ଚନ୍ନନୁ ସ୍ୱରାଜ୍ୟମ୍ || ୨ ||

ଇନ୍ଦ୍ରୋ ମଦାୟ ବାବୃଧେ ଶବସେ ବୃତ୍ରହା ନୃଭିଃ |
ତମିନ୍ମହସ୍ୱାଜିଷୂତିମର୍ଭେ ହବାମହେ ସ ବାଜେଷୁ ପ୍ର ନୋଽବିଷତ୍ || ୩ ||

ଇନ୍ଦ୍ର ତୁଭ୍ୟମିଦଦ୍ରିବୋଽନୁତ୍ତଂ ବଜ୍ରିନ୍ୱୀର୍ୟମ୍ |
ୟଦ୍ଧ ତ୍ୟଂ ମାୟିନଂ ମୃଗଂ ତବ ତ୍ୟନ୍ମାୟୟାବଧୀରର୍ଚନ୍ନନୁ ସ୍ୱରାଜ୍ୟମ୍ || ୪ ||

ପ୍ରେହ୍ୟଭୀହି ଧୃଷ୍ଣୁହି ନ ତେ ବଜ୍ରୋ ନି ୟଂସତେ |
ଇନ୍ଦ୍ର ନୃମ୍ଣଂ ହି ତେ ଶବୋ ହନୋ ବୃତ୍ରଂ ଜୟା ଅପୋଽର୍ଚନ୍ନନୁ ସ୍ୱରାଜ୍ୟମ୍ || ୫ ||

ୟଦୁଦୀରତ ଆଜୟୋ ଧୃଷ୍ଣବେ ଧୀୟତେ ଧନମ୍ |
ୟୁଙ୍-କ୍ଷ୍ୱା ମଦଚ୍ୟୁତା ହରୀ କଂ ହନଃ କଂ ବସୌ ଦଧୋଽସ୍ମାଂ ଇନ୍ଦ୍ର ବସୌ ଦଧଃ || ୬ ||

ଅକ୍ଷନ୍ନମୀମଦନ୍ତ ହ୍ୟବ ପ୍ରିୟା ଅଧୂଷତ |
ଅସ୍ତୋଷତ ସ୍ୱଭାନବୋ ବିପ୍ରା ନବିଷ୍ଠୟା ମତୀ ୟୋଜା ନ୍ୱିନ୍ଦ୍ର ତେ ହରୀ || ୭ ||

ଉପୋ ଷୁ ଶୃଣୁହୀ ଗିରୋ ମଘବନ୍ମାତଥା ଇବ |
କଦା ନଃ ସୂନୃତାବତଃ କର ଇଦର୍ଥୟାସ ଇଦ୍ୟୋଜା ନ୍ୱିନ୍ଦ୍ର ତେ ହରୀ || ୮ ||

ଚନ୍ଦ୍ରମା ଅପ୍ସ୍ୱା୩ନ୍ତରା ସୁପର୍ଣ୍ଣୋ ଧାବତେ ଦିବି |
ନ ବୋ ହିରଣ୍ୟନେମୟଃ ପଦଂ ବିନ୍ଦନ୍ତି ବିଦ୍ୟୁତୋ ବିତ୍ତଂ ମେ ଅସ୍ୟ ରୋଦସୀ || ୯ ||

ପ୍ରତି ପ୍ରିୟତମଂ ରଥଂ ବୃଷଣଂ ବସୁବାହନମ୍ |
ସ୍ତୋତା ବାମଶ୍ୱିନାବୃଷି ସ୍ତୋମେଭିର୍ଭୂଷତି ପ୍ରତି ମାଧ୍ୱୀ ମମ ଶ୍ରୁତଂ ହବମ୍ || ୧୦ || (୪୧୮)

**|| ଇତି ତୃତୀୟା ଦଶତିଃ (୩) | ସପ୍ତମଃ ଖଣ୍ଡଃ (୭) ||**

Not For Commercial Use

==========================================================

**(୧-୫-୧-୦୪)** [୧-୮] **ଋଷିଃ** - ବସୁଶ୍ରୁତ ଆତ୍ରେୟଃ (୧, ୭), ବିମଦ ଐନ୍ଦ୍ରଃ (୨, ୪), ସତ୍ୟଶ୍ରବା ଆତ୍ରେୟଃ (୩), ଗୋତମୋ ରାହୂଗଣଃ (୫, ୬), ଅଂହୋମୁଗ୍ବାମଦେବ୍ୟଃ (୮) | **ଛନ୍ଦ** - ପଙ୍କ୍ତିଃ (୧-୭), ବୃହତୀ (୮) | **ଦେବତା** - ଅଗ୍ନିଃ (୧-୨, ୭), ଉଷାଃ (୩), ସୋମଃ (୪), ଇନ୍ଦ୍ରଃ (୫, ୬), ବିଶ୍ୱେଦେବାଃ (୮)

==========================================================

ଆ ତେ ଅଗ୍ନ ଇଧୀମହି ଦ୍ୟୁମନ୍ତଂ ଦେବାଜରମ୍ |
ୟୁଦ୍ଧ ସ୍ୟା ତେ ପନୀୟସୀ ସମିଦ୍ଦୀଦୟତି ଦ୍ୟବୀଷଂ ସ୍ତୋତୃଭ୍ୟ ଆ ଭର || ୧ ||

ଆଗ୍ନିଂ ନ ସ୍ୱବୃକ୍ତିଭିର୍ହୋତାରଂ ତ୍ୱା ବୃଣୀମହେ |
ଶୀରଂ ପାବକଶୋଚିଷଂ ବି ବୋ ମଦେ ୟଜ୍ଞେଷୁ ସ୍ତୀର୍ଣ୍ଣବର୍ହିଷଂ ବିବକ୍ଷସେ || ୨ ||

ମହେ ନୋ ଅଦ୍ୟ ବୋଧୟୋଷୋ ରାୟେ ଦିବିତ୍ମତୀ |
ୟଥା ଚିନ୍ନୋ ଅବୋଧୟଃ ସତ୍ୟଶ୍ରବସି ବାୟ୍ୟେ ସୁଜାତେ ଅଶ୍ୱସୂନୃତେ || ୩ ||

ଭଦ୍ରଂ ନୋ ଅପି ବାତୟ ମନୋ ଦକ୍ଷମୁତ କ୍ରତୁମ୍ |
ଅଥା ତେ ସଖ୍ୟେ ଅନ୍ଧସୋ ବି ବୋ ମଦେ ରଣା ଗାବୋ ନ ୟବସେ ବିବକ୍ଷସେ || ୪ ||

କ୍ରତ୍ୱା ମହାଂ ଅନୁଷ୍ୱଧଂ ଭୀମ ଆ ବାବୃତେ ଶବଃ |
ଶ୍ରିୟ ଋଷ୍ୱ ଉପାକୟୋର୍ନି ଶିପ୍ରୀ ହରିବାଂ ଦଧେ ହସ୍ତୟୋର୍ବଜ୍ରମାୟସମ୍ || ୫ ||

ସ ଘା ତଂ ବୃଷଣଂ ରଥମଧି ତିଷ୍ଠାତି ଗୋବିଦମ୍ |
ୟଃ ପାତ୍ରଂ ହାରିୟୋଜନଂ ପୂର୍ଣ୍ଣମିନ୍ଦ୍ରାଚିକେତତି ୟୋଜା ନ୍ୱିନ୍ଦ୍ର ତେ ହରୀ || ୬ ||

ଅଗ୍ନିଂ ତଂ ମନ୍ୟେ ୟୋ ବସୁରସ୍ତଂ ୟଂ ୟନ୍ତି ଧେନବଃ |
ଅସ୍ତମର୍ବନ୍ତ ଆଶବୋଽସ୍ତଂ ନିତ୍ୟାସୋ ବାଜିନ ଇଷଂ ସ୍ତୋତୃଭ୍ୟ ଆ ଭର || ୭ ||



Not for Commercial Use

ନ ତମଂହୋ ନ ଦୁରିତଂ ଦେବାସୋ ଅଷ୍ଟ ମର୍ତ୍ୟମ୍ |
ସଜୋଷସୋ ଯମର୍ଯ୍ୟମା ମିତ୍ରୋ ନୟତି ବରୁଣୋ ଅତି ଦ୍ୱିଷଃ || ୮ || (୪୨୬)

**|| ଇତି ଚତୁର୍ଥୀ ଦଶତିଃ (୪) | ଅଷ୍ଟମଃ ଖଣ୍ଡଃ (୮) ||**

**|| ଇତି ପଂକ୍ତ୍ୟଃ ||**

==============================================================

**(୧-୫-୧-୦୫)** [୧-୧୦] **ଋଷିଃ** - ଋଣ-ତ୍ରସଦସ୍ୟୁ (୧-୬, ୯-୧୦), ବସିଷ୍ଠୋ ମୈତ୍ରାବରୁଣିଃ (୭), ବାମଦେବୋ ଗୌତମଃ (୮) | **ଛନ୍ଦ** - ଦ୍ୱିପଦା ବିରାଟ୍ (୧, ୩-୫, ୭, ୧୦), ପଦପଙ୍କ୍ତିଃ (୮), ପୁରୌଷ୍ଣିକ୍ (୯), ତ୍ରିପଦା ଅନୁଷ୍ଟୁପ୍ ପିପୀଲିକାମଧ୍ୟା (୨, ୬) |
**ଦେବତା** - ପବମାନଃ ସୋମଃ (୧-୬, ୧୦), ମରୁତଃ (୭), ଅଗ୍ନିଃ (୮), ବାଜିନଃ (୯)

==============================================================

ପରି ପ୍ର ଧନ୍ୱେନ୍ଦ୍ରାୟ ସୋମ ସ୍ୱାଦୁର୍ମିତ୍ରାୟ ପୂଷ୍ଣେ ଭଗାୟ || ୧ ||

ପର୍ୟୂ ଷୁ ପ୍ର ଧନ୍ୱ ବାଜସାତୟେ ପରି ବୃତ୍ରାଣି ସକ୍ଷଣିଃ |
ଦ୍ୱିଷସ୍ତରଧ୍ୟା ଋଣୟା ନ ଈରସେ || ୨ ||

ପବସ୍ୱ ସୋମ ମହାନ୍ତ୍ସମୁଦ୍ରଃ ପିତା ଦେବାନାଂ ବିଶ୍ୱାଭି ଧାମ || ୩ ||

ପବସ୍ୱ ସୋମ ମହେ ଦକ୍ଷାୟାଶ୍ୱୋ ନ ନିକ୍ତୋ ବାଜୀ ଧନାୟ || ୪ ||

ଇନ୍ଦୁଃ ପବିଷ୍ଟ ଚାରୁର୍ମଦାୟାପାମୁପସ୍ଥେ କବିର୍ଭଗାୟ || ୫ ||

ଅନୁ ହି ତ୍ୱା ସୁତଂ ସୋମ ମଦାମସି ମହେ ସମର୍ୟରାଜ୍ୟେ |
ବାଜାଂ ଅଭି ପବମାନ ପ୍ର ଗାହସେ || ୬ ||

କ ଈଂ ବ୍ୟକ୍ତା ନରଃ ସନୀଡା ରୁଦ୍ରସ୍ୟ ମର୍ୟା ଅଥା ସ୍ୱଶ୍ୱାଃ || ୭ ||

Not For Commercial Use

ଅଗ୍ନେ ତମଦ୍ୟାଶ୍ୱଂ ନ ସ୍ତୋମୈଃ କ୍ରତୁଂ ନ ଭଦ୍ରଂ ହୃଦିସ୍ପୃଶମ୍ |
ଋଧ୍ୟାମା ତ ଓହୈଃ || ୮ ||

ଆବିର୍ମର୍ଯ୍ୟା ଆ ବାଜଂ ବାଜିନୋ ଅଗ୍ମଂ ଦେବସ୍ୟ ସବିତୁଃ ସବମ୍ |
ସ୍ୱର୍ଗାଂ ଅର୍ବନ୍ତୋ ଜୟତ || ୯ ||

ପବସ୍ୱ ସୋମ ଦ୍ୟୁମ୍ନୀ ସୁଧାରୋ ମହାଂ ଅବୀନାମନୁପୂର୍ବ୍ୟଃ || ୧୦ || (୪୩୬)

**|| ଇତି ପଞ୍ଚମୀ ଦଶତିଃ (୫) | ନବମଃ ଖଣ୍ଡଃ (୯) ||**

## || ଇତି ପଞ୍ଚମ ପ୍ରପାଠକେ ପ୍ରଥମୋଽର୍ଧଃ ||

## [ ଅଥ ପଞ୍ଚମ ପ୍ରପାଠକଃ | ଦ୍ୱିତୀୟୋଽର୍ଧଃ ]

================================================================

**(୧-୫-୨-୦୬)** [୧-୧୦] **ଋଷିଃ** - ତ୍ରସଦସ୍ୟୁଃ (୧-୬, ୮-୧୦), ସଂବର୍ତ ଆଙ୍ଗିରସଃ (୭) | **ଛନ୍ଦ** - ଦ୍ୱିପଦା ବିରାଟ୍ (୧-୧୦) | **ଦେବତା** - ଇନ୍ଦ୍ରଃ (୧-୫, ୮-୧୦), ବିଶ୍ୱେଦେବାଃ (୬), ଉଷାଃ (୭)

================================================================

ବିଶ୍ୱତୋଦାବନ୍ୱିଶ୍ୱତୋ ନ ଆ ଭର ଯଂ ତ୍ୱା ଶବିଷ୍ଠମୀମହେ || ୧ ||

ଏଷ ବ୍ରହ୍ମା ୟ ଋତ୍ୱିୟ ଇନ୍ଦ୍ରୋ ନାମ ଶ୍ରୁତୋ ଗୃଣେ || ୨ ||

ବ୍ରହ୍ମାଣ ଇନ୍ଦ୍ରଂ ମହୟନ୍ତୋ ଅର୍କୈରବର୍ଧୟନ୍ନହୟେ ହନ୍ତବା ଉ || ୩ ||

ଅନବସ୍ତେ ରଥମଶ୍ୱାୟ ତକ୍ଷୁସ୍ତ୍ୱଷ୍ଟା ବଜ୍ରଂ ପୁରୁହୂତ ଦ୍ୟୁମନ୍ତମ୍ || ୪ ||

ଶଂ ପଦଂ ମଘଂ ରୟୀଷିଣୋ ନ କାମମବ୍ରତୋ ହିନୋତି ନ ସ୍ପୃଶଦ୍ରୟିମ୍ || ୫ ||

ସଦା ଗାବଃ ଶୁଚୟୋ ବିଶ୍ୱଧାୟସଃ ସଦା ଦେବା ଅରେପସଃ || ୬ ||

ଆ ଯାହି ବନସା ସହ ଗାବଃ ସଚନ୍ତ ବର୍ତ୍ତନିଂ ଯଦୂଧଭିଃ || ୭ ||

ଉପ ପ୍ରକ୍ଷେ ମଧୁମତି କ୍ଷିୟନ୍ତଃ ପୁଷ୍ୟେମ ରୟିଂ ଧୀମହେ ତ ଇନ୍ଦ୍ର || ୮ ||

ଅର୍ଚନ୍ତ୍ୟର୍କଂ ମରୁତଃ ସ୍ୱର୍କ୍କା ଆ ସ୍ତୋଭତି ଶ୍ରୁତୋ ଯୁବା ସ ଇନ୍ଦ୍ରଃ || ୯ ||

ପ୍ର ବ ଇନ୍ଦ୍ରାୟ ବୃତ୍ରହନ୍ତମାୟ ବିପ୍ରାୟ ଗାଥଂ ଗାୟତ ଯଂ ଜୁଜୋଷତେ || ୧୦ || (୪୪୬)

**|| ଇତି ଷଷ୍ଠୀ ଦଶତିଃ (୬) | ଦଶମଃ ଖଣ୍ଡଃ (୧୦) ||**

=============================================================

**(୧-୫-୨-୦୭)** [୧-୧୦] **ଋଷିଃ** - ପୃଷଧ୍ରଃ କାଣ୍ୱଃ (୧), ବନ୍ଧୁଃ ସୁବନ୍ଧୁଃ ଶ୍ରୁତବନ୍ଧୁର୍ବିପ୍ରବନ୍ଧୁଶ୍ଚ କ୍ରମେଣ ଗୋପାୟନା ଲୋପାୟନା ବା (୨, ୩, ୪), ସଂବର୍ତ ଆଙ୍ଗିରସଃ (୫), ଭୁବନ ଆପ୍ତ୍ୟଃ, ସାଧନୋ ବା ଭୌବନଃ (୬), କବଷ ଐଲୁଷଃ (୭), ଭରଦ୍ୱାଜୋ ବାର୍ହସ୍ପତ୍ୟଃ (୮), ଆତ୍ରେୟଃ (୯), ବସିଷ୍ଠୋ ମୈତ୍ରାବରୁଣିଃ (୧୦) | **ଛନ୍ଦ** - ଦ୍ୱିପଦା ବିରାଟ୍ (୧-୯), ଏକପଦା (୧୦) | **ଦେବତା** - ଅଗ୍ନିଃ (୧-୨), ଉଷାଃ (୫), ବିଶ୍ୱେଦେବାଃ (୬, ୭, ୯), ଇନ୍ଦ୍ରଃ (୩, ୪, ୮, ୧୦)

=============================================================

ଅଚେତ୍ୟଗ୍ନିଶ୍ଚିକିତିର୍ହବ୍ୟବାଡ୍ନ ସୁମଦ୍ରଥଃ || ୧ ||

ଅଗ୍ନେ ତ୍ୱଂ ନୋ ଅନ୍ତମ ଉତ ତ୍ରାତା ଶିବୋ ଭୁବୋ ବରୂଥ୍ୟଃ || ୨ ||

ଭଗୋ ନ ଚିତ୍ରୋ ଅଗ୍ନିର୍ମହୋନାଂ ଦଧାତି ରତ୍ନମ୍ || ୩ ||

ବିଶ୍ୱସ୍ୟ ପ୍ର ସ୍ତୋଭ ପୁରୋ ବା ସନ୍ୟଦି ବେହ ନୂନମ୍ || ୪ ||

ଉଷା ଅପ ସ୍ୱସୁଷ୍ଟମଃ ସଂ ବର୍ତ୍ତୟତି ବର୍ତ୍ତନିଂ ସୁଜାତତା || ୫ ||

ଇମା ନୁ କଂ ଭୁବନା ସୀଷଧେମେନ୍ଦ୍ରଶ୍ଚ ବିଶ୍ୱେ ଚ ଦେବାଃ || ୬ ||



Not For Commercial Use

ବି ସ୍ରୁତୟୋ ୟଥା ପଥା ଇନ୍ଦ୍ର ତ୍ୱଦ୍ୟନ୍ତୁ ରାତୟଃ || ୭ ||

ଅୟା ବାଜଂ ଦେବହିତଂ ସନେମ ମଦେମ ଶତହିମାଃ ସୁବୀରାଃ || ୮ ||

ଊର୍ଜା ମିତ୍ରୋ ବରୁଣଃ ପିନ୍ୱତେଡାଃ ପୀବରୀମିଷଂ କୃଣୁହୀ ନ ଇନ୍ଦ୍ର || ୯ ||

ଇନ୍ଦ୍ରୋ ବିଶ୍ୱସ୍ୟ ରାଜତି || ୧୦ || (୪୫୬)

**|| ଇତି ସପ୍ତମୀ ଦଶତିଃ (୭) | ଏକାଦଶଃ ଖଣ୍ଡଃ (୧୧) ||**

==========================================================

**(୧-୫-୨-୦୮)** [୧-୧୦] **ଋଷିଃ** - ଗୃତ୍ସମଦଃ ଶୌନକଃ (୧, ୧୦), ଗୌରାଙ୍ଗିରସଃ (୨), ପରୁଚ୍ଛେପୋ ଦୈବୋଦାସିଃ (୩, ୫, ୯), ରେଭଃ କାଶ୍ୟପଃ (୪), ଏବୟାମରୁଦାତ୍ରେୟଃ (୬), ଅନାନତଃ ପାରୁଚ୍ଛେପିଃ (୭), ନକୁଲଃ (୮) | **ଛନ୍ଦ** - ଅଷ୍ଟିଃ (୧, ୧୦), ଅତ୍ୟଷ୍ଟିଃ (୩, ୫, ୭-୯), ଅତିଜଗତୀ (୨, ୪, ୬) | **ଦେବତା** - ଇନ୍ଦ୍ରଃ (୧, ୩, ୪, ୧୦), ସୂର୍ୟଃ (୨), ବିଶ୍ୱେଦେବାଃ (୫), ମରୁତଃ (୬), ପବମାନ ସୋମଃ (୭), ସବିତା (୮), ଅଗ୍ନିଃ (୯)

==========================================================

ତ୍ରିକଦ୍ରୁକେଷୁ ମହିଷୋ ୟବାଶିରଂ ତୁବିଶୁଷ୍ମସ୍ତୃମ୍ପତ୍ସୋମମପିବଦ୍ୱିଷ୍ଣୁନା ସୁତଂ ୟଥାବଶମ୍ |
ସ ଈଂ ମମାଦ ମହି କର୍ମ କର୍ତବେ ମହାମୁରୁଂ ସୈନଂ ସଶ୍ଚଦ୍ଦେବୋ ଦେବଂ ସତ୍ୟ ଇନ୍ଦୁଃ ସତ୍ୟମିନ୍ଦ୍ରମ୍ || ୧ ||

ଅୟଂ ସହସ୍ରମାନବୋ ଦୃଶଃ କବୀନାଂ ମତିର୍ଜ୍ୟୋତିର୍ବିଧର୍ମ |
ବ୍ରଧ୍ନଃ ସମୀଚୀରୁଷସଃ ସମୈରୟଦରେପସଃ ସଚେତସଃ ସ୍ୱସରେ ମନ୍ୟୁମନ୍ତଶ୍ଚିତା ଗୋଃ || ୨ ||

ଏନ୍ଦ୍ର ୟାହ୍ୟୁପ ନଃ ପରାବତୋ ନାୟମଚ୍ଛା ବିଦଥାନୀବ ସତ୍ପତିରସ୍ତା ରାଜେବ ସତ୍ପତିଃ |
ହବାମହେ ତ୍ୱା ପ୍ରୟସ୍ୱନ୍ତଃ ସୁତେଷ୍ୱା ପୁତ୍ରାସୋ ନ ପିତରଂ ବାଜସାତୟେ ମଂହିଷ୍ଠଂ ବାଜସାତୟେ || ୩ ||

ତମିନ୍ଦ୍ରଂ ଜୋହବୀମି ମଘବାନମୁଗ୍ରଂ ସତ୍ରା ଦଧାନମପ୍ରତିଷ୍କୁତଂ ଶ୍ରବାଂସି ଭୂରିଃ |
ମଂହିଷ୍ଠୋ ଗୀର୍ଭିରା ଚ ୟଜ୍ଞିୟୋ ବବର୍ତ୍ତ ରାୟେ ନୋ ବିଶ୍ୱା ସୁପଥା କୃଣୋତୁ ବଜ୍ରୀ || ୪ ||



Not For Commercial Use

ଅସ୍ତୁ ଶ୍ରୌଷ୍ଟ୍ପୁରୋ ଅଗ୍ନିଂ ଧିୟା ଦଧ ଆ ନୁ ତ୍ୟଚ୍ଛର୍ଧୋ ଦିବ୍ୟଂ ବୃଣୀମହ ଇନ୍ଦ୍ରବାୟୂ ବୃଣୀମହେ |
ଯଦ୍ଧ କ୍ରାଣା ବିବସ୍ୱତେ ନାଭା ସନ୍ଦାୟ ନବ୍ୟସେ |
ଅଧ ପ୍ର ନୂନମୁପ ଯନ୍ତି ଧୀତୟୋ ଦେବାଂଅଚ୍ଛା ନ ଧୀତୟଃ || ୫ ||

ପ୍ର ବୋ ମହେ ମତୟୋ ଯନ୍ତୁ ବିଷ୍ଣବେ ମରୁତ୍ୱତେ ଗିରିଜା ଏବୟାମରୁତ୍ |
ପ୍ର ଶର୍ଧାୟ ପ୍ର ଯଜ୍ୟବେ ସୁଖାଦୟେ ତବସେ ଭନ୍ଦଦିଷ୍ଟୟେ ଧୁନିବ୍ରତାୟ ଶବସେ || ୬ ||

ଅୟା ରୁଚା ହରିଣ୍ୟା ପୁନାନୋ ବିଶ୍ୱା ଦ୍ୱେଷାଂସି ତରତି ସୟୁଗ୍ୱଭିଃ ସୂରୋ ନ ସୟୁଗ୍ୱଭିଃ |
ଧାରା ପୃଷ୍ଠସ୍ୟ ରୋଚତେ ପୁନାନୋ ଅରୁଷୋ ହରିଃ |
ବିଶ୍ୱା ଯଦ୍ରୂପା ପରିୟାସ୍ୟୃକ୍ୱଭିଃ ସପ୍ତାସ୍ୟେଭିର୍-ଋକ୍ୱଭିଃ || ୭ ||

ଅଭି ତ୍ୟଂ ଦେବଂ ସବିତାରମୋଣ୍ୟୋଃ କବିକ୍ରତୁମର୍ଚାମି ସତ୍ୟସବଂ ରତ୍ନଧାମଭି ପ୍ରିୟଂ ମତିମ୍ |
ଊର୍ଧ୍ୱା ଯସ୍ୟାମତିର୍ଭା ଅଦିଦ୍ୟୁତସ୍ତ୍ରବୀମନି ହିରଣ୍ୟପାଣିରମିମୀତ ସୁକ୍ରତୁଃ କୃପା ସ୍ୱଃ || ୮ ||

ଅଗ୍ନିଂ ହୋତାରଂ ମନ୍ୟେ ଦାସ୍ୱନ୍ତଂ ବସୋଃ ସୂନୁଂ ସହସୋ ଜାତବେଦସଂ ବିପ୍ରଂ ନ
ଜାତବେଦସମ୍ | ଯ ଊର୍ଧ୍ୱୟା ସ୍ୱଧ୍ୱରୋ ଦେବୋ ଦେବାଚ୍ୟା କୃପା |
ଘୃତସ୍ୟ ବିଭ୍ରାଷ୍ଟିମନୁ ଶୁକ୍ରଶୋଚିଷ ଆଜୁହ୍ୱାନସ୍ୟ ସର୍ପିଷଃ || ୯ ||

ତବ ତ୍ୟନ୍ନର୍ୟଂ ନୃତୋଽପ ଇନ୍ଦ୍ର ପ୍ରଥମଂ ପୂର୍ବ୍ୟଂ ଦିବି ପ୍ରବାଚ୍ୟଂ କୃତମ୍ |
ୟୋ ଦେବସ୍ୟ ଶବସା ପ୍ରାରିଣା ଅସୁ ରିଣନ୍ନପଃ |
ଭୁବୋ ବିଶ୍ୱମଭ୍ୟଦେବମୋଜସା ବିଦେଦୂର୍ଜଂ ଶତକ୍ରତୁର୍ବିଦେଦ୍ୱିଷମ୍ || ୧୦ || (୪୬୬)

**|| ଇତି ଅଷ୍ଟମୀ ଦଶତିଃ (୮) | ଦ୍ୱାଦଶଃ ଖଣ୍ଡଃ (୧୨) ||**

## || ଇତି ଚତୁର୍ଥୋଽଧ୍ୟାୟଃ ସମାପ୍ତମ୍ ||

## || ଇତ୍ୟୈନ୍ଦ୍ରଂ ପର୍ବ କାଣ୍ଡମ୍ ସମାପ୍ତମ୍ ||

Not For Commercial Use